


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 FEBRUARY 2023
Vol.No. 34 ■ No. 56 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଉଗ୍ର ହେଉଛି ଚୀନ୍ ଓ ଆମେରିକା ବିବାଦ

## ଦକ୍ଷିଣ ଚୀନ ସାଗର ମଝି ଆକାଶରେ ଆମେରିକା ବିମାନକୁ ଅଟକାଇଲା ଚୀନ



ନୂଆଦିଲ୍ଲୀ, ୨୭/୦୨ : ଉଗ୍ର ହେଉଛି ଚୀନ୍ ଓ ଆମେରିକା ବିବାଦ । ଦକ୍ଷିଣ ଚୀନ ସାଗରରେ ମୁହାଁମୁହିଁ ହେଲେ ଚାଇନା ଓ ଆମେରିକା ଫାଇଟର ଜେଟ୍ । ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି । ଚୀନର ଜେ-୧୧ ଯୁଦ୍ଧ ବିମାନ ଆମେରିକୀୟ ଫାଇଟର ଜେଟର ବାଟ ଓଗାଳିଛି । ଦକ୍ଷିଣ ଚୀନ୍ ସାଗରରେ ଦୁଇ ଦେଶର ଶକ୍ତି ପ୍ରଦର୍ଶନ ପୁଣିଥରେ ଆମେରିକା-ଚୀନ ବିବାଦକୁ ବଢାଇ ଦେଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆମେରିକୀୟ ଜେଟ୍ ପାରାସେଲ ଦ୍ୱୀପରୁ ପ୍ରାୟ ୧୨ ନଟିକାଲ ମାଇଲ ଦୂରରେ ଥିଲା । ଏହି ସମୟରେ ଆମେରିକା ଜେଟର ବାଟ ଓଗାଳିଥିଲା ଚୀନର ଫାଇଟର ଜେଟ୍ । ଚୀନର ଜେ-୧୧ ଯୁଦ୍ଧ ବିମାନ ଆମେରିକା ଜେଟ୍କୁ ଆଗକୁ ଯିବାକୁ ଦେଇନଥିଲା । ଆମେରିକାର ପାଟ୍ରୋଲିଂ ବିମାନ ଦକ୍ଷିଣ ଚୀନ୍ ସାଗର ଉପରେ ଉଡୁଥିବା ବେଳେ ସାମନାକୁ ଆସିଥିଲା ଚୀନ୍ ଯୁଦ୍ଧ ବିମାନ । ଏମିତିକି ୱାର୍ଣ୍ଣିଂ ସିଗନାଲ ସହ ସିଧା ସଳଖ ଧମକ ବି ଦେଇଥିଲା ଫେରିଯିବାକୁ । ଗେଟ୍ ଆଗକୁ ବଢିଲେ ପରିଣାମ ପାଇଁ ଆମେରିକା ଦାୟୀ ରହିବ ବୋଲି ଚେତାବନୀ ଦେଇଥିଲା । ତା ସହିତ ୧୫ ମିନିଟ୍ ପର୍ଯ୍ୟନ୍ତ ପିଛା କରିଥିଲା ଡ୍ରାଗନ୍ । କିଛି ମିନିଟ୍ ପରେ ମିସାଇଲ ଭର୍ତି ଥିବା ଆଉ ଏକ ଚୀନି ଯୁଦ୍ଧ ବିମାନ ଆମେରିକୀୟ ଜେଟକୁ ଅଟକାଇବାକୁ ଆସିଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁକେଶ ଅମ୍ବାନୀ

ମୁମ୍ବାଇ/ଭୁବନେଶ୍ୱର, ୨୭/୦୨ (ନି.ପ୍ର): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ର ସିଏମଡି ମୁକେଶ ଅମ୍ବାନୀ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସୋମବାର ମୁମ୍ବାଇରେ ଭେଟିଛନ୍ତି। ପୁଞ୍ଜି ବିନିଯୋଗ ଲକ୍ଷ୍ୟସ୍ଥଳ ଭାବରେ ଓଡିଶାର ଦକ୍ଷତା ତଥା ରାଜ୍ୟକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ର ଭବିଷ୍ୟତ ବିନିଯୋଗ ଯୋଜନା ବିଷୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି।

# ସିସୋଦିଆଙ୍କୁ ୫ ଦିନିଆ ରିମାଣ୍ଡରେ ନେଲା ସିବିଆଇ



ନୂଆଦିଲ୍ଲୀ, ୨୭/୦୨ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ମନୀଷ ସିସୋଦିଆଙ୍କ ଗିରଫଦାରିକୁ ବିରୋଧ କରି ଆଜି ଆପ୍ ଜୋରଦାର ବିକ୍ଷୋଭ କରିଛି। ଗତକାଲି ଗିରଫ ହୋଇଥିବା ମନୀଷ ସିସୋଦିଆଙ୍କୁ ଆଜି ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ସିବିଆଇ ଏହି ମାମଲାରେ ସିସୋଦିଆଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ଲାଗି ଆବେଦନ କରିଥିଲା। ତେବେ ଏହି ରିମାଣ୍ଡ ଅବଧିକୁ ପ୍ରତିପକ୍ଷ ବିରୋଧ କରିଥିଲେ । ତେବେ କୋର୍ଟ ଏହି ରାୟ ଉପରେ ସଂରକ୍ଷିତ ରଖିଲେ। ପରେ ସିସୋଦିଆଙ୍କ ରିମାଣ୍ଡ ଆବେଦନକୁ କୋର୍ଟ ମଞ୍ଜୁର କରିଛନ୍ତି। ଅନ୍ୟପଟେ ଦିଲ୍ଲୀ ପୁଲିସ ସୋମବାର ଆମ ଆଦମୀ ପାର୍ଟି କାର୍ଯ୍ୟାଳୟରେ ପହଞ୍ଚିଥିଲା ଏହାକୁ ନେଇ କର୍ମକର୍ତ୍ତାମାନେ କାର୍ଯ୍ୟାଳୟ ବାହାରେ ହଙ୍ଗାମା କରିଥିଲେ। ଏହି ସମୟରେ ଆପର କର୍ମକର୍ତ୍ତା ଆଦିଲ ଖାନ୍ ଦିଲ୍ଲୀ ପୁଲିସକୁ ବିରୋଧ କରି ପ୍ରଶ୍ନ କରିଥିଲେ। ସେ କହିଛନ୍ତି, ଦିଲ୍ଲୀ ପୁଲିସ କ'ଣ ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଲଗାଇଛି। ପୋଲିସ କିପରି ଏଏପି କାର୍ଯ୍ୟାଳୟକୁ ପ୍ରବେଶ କରିପାରିବ। ଭାଜପା କର୍ମକର୍ତ୍ତାଙ୍କ ଭଳି ପୋଲିସ କାର୍ଯ୍ୟ କରିବା ବନ୍ଦ କରୁ। ଏହା କି ପ୍ରକାରର ଦାଦାଗିରି ବୋଲି ଆଦିଲ କହିଛନ୍ତି। କାର୍ଯ୍ୟାଳୟ ବାହାରେ ସୌରଭ ଭରଦ୍ୱାଜ, ଆତିଶି, ଆଦିଲ ଖାନ୍ଙ୍କ ସମେତ ବହୁ ସଂଖ୍ୟକ ଆପ କର୍ମକର୍ତ୍ତା ଦିଲ୍ଲୀ ପୁଲିସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ସେଠାରେ ଚାପା ଉତ୍ତେଜନା ଲାଗିରହିଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ମଦ ନୀତି ଦୁର୍ନୀତି ମାମଲାରେ ରବିବାର ସିବିଆଇ ଗିରଫ କରିଛି। ଯାହାକୁ ନେଇ ଆପ ରାଜରାସ୍ତାକୁ ଓହ୍ଲାଇବା ସହ ହଙ୍ଗାମା କରିଛି। ସିସୋଦିଆଙ୍କ ଗିରଫଦାରି ସଂକ୍ରାନ୍ତରେ ବିଜେପି ସାଂସଦ ମନୋଜ ତିୱାରି ▶▶ପୃଷ୍ଠା ୭

## କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଚ୍ୟାଲେଞ୍ଜ୍ କରି ହୋଇଥିବା ଆବେଦନକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୭/୦୨ : ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ବେଂଚ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଚ୍ୟାଲେଞ୍ଜ୍ କରି ହୋଇଥିବା ଆବେଦନକୁ ଆଜି ଖାରଜ କରିଛନ୍ତି । କୋର୍ଟ ୧୫ ଡିସେମ୍ବର ୨୦୨୨ ରେ ଏହି ରାୟ ସଂରକ୍ଷିତ ରଖିଥିଲେ । ଏହି ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାର କହିଥିଲେ ଯେ, ଅଗ୍ନିବୀରଙ୍କ କ୍ୟାଡ଼ର ସମ୍ପୂର୍ଣ୍ଣ ଅଲଗା । ଏବଂ ଭାରତୀୟ ସେନାକୁ ଦେଇଥିବା ସେମାନଙ୍କର ୪ ବର୍ଷର ସେବାକୁ ରେଗୁଲାର ସର୍ଭିସ ଭାବେ ଗ୍ରହଣ କରାଯିବ ନାହିଁ । ୪ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ଯଦି କୌଣସି ଅଗ୍ନିବୀର ସେନାରେ ଯୋଗ ଦିଅନ୍ତି, ତେବେ ତାଙ୍କର ନିଯୁକ୍ତିକୁ ନୂତନ ନିଯୁକ୍ତି ଭାବେ ଗ୍ରହଣ କରାଯିବ । ତାଙ୍କର କ୍ୟାଡ଼ର ସିପାହୀ କ୍ୟାଡ଼ର ଠାରୁ ନିମ୍ନରେ ରହିବ । ଅଗ୍ନିବୀର ଭାବେ ସାମିଲ୍ କରିବା ପଛରେ ତର୍କ ଏହା ରହିଛି ଯେ, ସେ ବେସିକ ଟ୍ରେନିଂ ▶▶ପୃଷ୍ଠା ୭

# ଆଇଟିଆରରୁ ତଥ୍ୟ ଲିକ ମାମଲା : ତଦନ୍ତରେ ସାମିଲ ଆନ୍ଧ୍ର ଗୁଇନ୍ଦା ବିଭାଗ-ବାୟୁସେନାର ଟିମ୍



ବାଲେଶ୍ୱର, ୨୭/୦୨ (ନି.ପ୍ର): 'ଆଇଟିଆର'ର ବରିଷ୍ଠ ବୈଷୟିକ ଅଧିକାରୀଙ୍କ ଦ୍ୱାରା ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଲିକ ମାମଲା ତଦନ୍ତ ପ୍ରକ୍ରିୟାରେ ଏବେ ସାମିଲ ହୋଇଛନ୍ତି ଆନ୍ଧ୍ରପ୍ରଦେଶ ଗୁଇନ୍ଦା ବିଭାଗ ଓ ଭାରତୀୟ ବାୟୁସେନାର ଟିମ । ଗିରଫ ଆଇଟିଆର ଅଧିକାରୀ ବାବୁରାମ ଦେଙ୍କର ୪ଦିନିଆ ରିମାଣ୍ଡ ଅବଧି ଶେଷ ହେବାକୁ ଯାଉଥିବା ବେଳେ ତଦନ୍ତକାରୀ ଦଳ ଅଭିଯୁକ୍ତ ନିକଟରୁ ତଥ୍ୟ ସଂଗ୍ରହ ପାଇଁ ମାରାଥନ ଜେରା ଜାରି ରଖିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ଜେରାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ସେ କହିଛନ୍ତି । ଅଭିଯୁକ୍ତ ଠାରୁ ମିଳିଥିବା ତଥ୍ୟକୁ ପ୍ରମାଣିତ କରିବା ପାଇଁ ପୂର୍ବରୁ ଜବତ ମୋବାଇଲ ଡାଟା ଯାଞ୍ଚ କରାଯାଉଛି। ଏହା ବ୍ୟତୀତ ବାବୁରାମଠାରୁ ମୋବାଇଲ ଓ ଲାପଟପ୍ ଭଳି ଅନ୍ୟାନ୍ୟ ୬ଟି ଇଲେକ୍ଟ୍ରୋନିକ୍ସ ଉପକରଣ ଜବତ କରାଯାଇଥିବା ଏସପି କହିଛନ୍ତି । ଏହି ସବୁ ଡିଭାଇସର ଡାଟା ଆନାଲିସିସ୍ ତଥା ଫରେନସିକ୍ ଯାଞ୍ଚ ପାଇଁ ନୂଆଦିଲ୍ଲୀ ଓ କୋଲକାତାର ଲ୍ୟାବ୍କୁ ପଠାଯାଇଥିବା ସେ ପ୍ରକାଶ କରିଛନ୍ତି । ଅଭିଯୁକ୍ତର ଆର୍ଥିକ କାରବାର ସମ୍ପର୍କରେ ଯାଂଚ ଆରମ୍ଭ ହୋଇଥିବା ବେଳେ ଏ ନେଇ ବିଭିନ୍ନ ବ୍ୟାଙ୍କ ସହ ଯୋଗାଯୋଗ କରାଯାଇଛି । ଏଥି ସହିତ ଅନ୍ୟ ବୈଷୟିକ ତଥ୍ୟ ବାବଦରେ ରିମାଣ୍ଡ ଅବଧି ଶେଷ ହେବା ପୂର୍ବରୁ ଖୋଲତାଡ଼ କରାଯିବ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତ ରିମାଣ୍ଡ ବଢାଇବାକୁ ଅଦାଲତଙ୍କ ନିକଟରେ ଆବେଦନ କରାଯିବ ▶▶ପୃଷ୍ଠା ୭

# ଅଧ୍ୟାପକଙ୍କ ରଣହୁଙ୍କାର : ୬୬୨ ବର୍ଗ କଲେଜ ସଂଘର ହାଲ୍ଲାବୋଲ




ଭୁବନେଶ୍ୱର, ୨୭/୦୨ (ନି.ପ୍ର): ଆରମ୍ଭ ହେବାକୁ ଯାଉଛି ଯୁକ୍ତ ଦୁଇ ପରୀକ୍ଷା । ଅଧିକାଂଶ ହବ୍ରେ ପ୍ରଶ୍ନପତ୍ର ବି ପହଞ୍ଚିସାରିଲାଣି । କିନ୍ତୁ ଏତିକିବେଳେ ସମାନ କାମକୁ ସମାନ ଦରମା ସମେତ ୪ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ । ୧୫ ଦିନ ହେଲା ରାଜଧାନୀରେ ଅହୋରାତ୍ର ଧାରଣା ଦେବା ପରେ, ସରକାର ନଶୁଣିବାରୁ, ସୋମବାର ମହାସମାବେଶ କରି ଶକ୍ତି ପ୍ରଦର୍ଶନ କରିଛନ୍ତି । ଏଥିସହ ସରକାର ସେମାନଙ୍କ ଦାବି ନଶୁଣିଲେ ପରୀକ୍ଷାରେ ଅସହଯୋଗ କରିବାକୁ ଚେତାବନୀ ଦେଇଛନ୍ତି । ଚଳିତବର୍ଷ ୧୧୪୫ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର ୩ ଲକ୍ଷ ୫୮ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପରୀକ୍ଷା କେନ୍ଦ୍ର ହୋଇଥିବା କଲେଜଗୁଡ଼ିକ ▶▶ପୃଷ୍ଠା ୭

# ୩୦ ଲକ୍ଷ ଟଙ୍କାର ବ୍ରାଉନ୍ସୁଗର ଓ କାର୍ ଜବତ୍ : ୩ ଗିରଫ



ଜଳେଶ୍ୱର, ୨୭/୦୨ (ନି.ପ୍ର): ପଶ୍ଚିମବଂଗରୁ ଓଡିଶାକୁ ବିପୁଳ ପରିମାଣର ଧଳା ଜହର ପ୍ରତିଦିନ ଆସୁଥିଲେ ମଧ୍ୟ ଏହାର ମୂଳ ଉତ୍ପାଟନ କରିବାରେ ପ୍ରଶାସନ ସମର୍ଥ ହୋଇନାହିଁ। କିନ୍ତୁ ଏକ ଗୁପ୍ତ ତଥ୍ୟ ଅନୁଯାୟୀ ଗତ ରବିବାର ରାତିରେ ଏକ ଧଳ କାରରେ ଜଳେଶ୍ୱରକୁ ବ୍ରାଉନସୁଗର ଆସୁଥିବା ଜଣାଯିବାପରେ ଏସ୍ପିଙ୍କ ନିର୍ଦ୍ଦେଶରେ ଏକ ସ୍କ୍ୱାର୍ଡ ଓଡିଶାର ପ୍ରବେଶ ପଥ ଗୁଡିକରେ ଜଗି ରହିଥିଲେ । ରାତି ପ୍ରାୟ ୩ଟାରେ ଜଳେଶ୍ୱର ଥାନା ଅନ୍ତର୍ଗତ ଅଗ୍ରୱାଲା ଛକଠାରେ ପୁଲିସ୍ ଜଗିଥିବା ବେଳେ ଡବ୍ଲୁବି ୩୪ବିଏଫ-୭୬୭୭ ନମ୍ବର କାରଟି ଆସି ପହଞ୍ଚିଥିଲା । ସନ୍ଦେହଯୁକ୍ତଭାବେ ସେଠାରେ ଜଗିରହିଥିବା ଏସ୍ଡିପିଓ ଦିଲ୍ଲିପ ସାହୁ ଓ ଆଇଆଇସି ରୋଜାଲାନ୍ ବେହେରା କାରଟିକୁ ଯାଞ୍ଚ କରିଥିଲେ। ସେଥିରୁ ୩୦୨ ଗ୍ରାମର ବ୍ରାଉନ୍ ସୁଗର ପାଇଥିବା ବେଳେ ୩ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିଲେ । ସେଥିରେ ଥିବା ମହିଳାଙ୍କର ବୟସ ୩୭ ହୋଇଥିବା ବେଳେ ଅନ୍ୟ ଦୁଇ ଯୁବକଙ୍କ ବୟସ ୨୬ ଥିଲା । ଏହି ମହିଳା ଜଣକ ପଶ୍ଚିମବଂଗରୁ ଓଡିଶାକୁ ଆସୁଥିବା ଧଳା ଜହରର ଅନ୍ୟଜଣେ କାର୍ପଟଦାର ବୋଲି ଜଣାଯାଇଛି । ଏହି ମହିଳାଙ୍କ ଜରିଆରେ ବାରମ୍ବାର ବ୍ରାଉନ୍ସୁଗର ଓଡିଶାକୁ ଆସୁଥିବା ସୂଚନା ମିଳିଥିବା ଏସ୍ପି ସାଗରିକା ନାଥ କହିଛନ୍ତି । ମହିଳା ଜଣକ ସହିତ ଅନ୍ୟ ୩ଜଣ ପଶ୍ଚିମବଂଗର ଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କରାଯାଇଛି । ଗତ ୨ମାସ ଧରି ପୁଲିସ୍ ଏହି ଟିମ୍କୁ ଧରିବାଲାଗି ବହୁ କୌଶଳ ଅବଲମ୍ବନ କରିଥିଲେ ବୋଲି କହିଥିଲେ । ଗିରଫ ହୋଇଥିବା ୩ଜଣଙ୍କର ଘର ପଶ୍ଚିମବଂଗର ପଶ୍ଚିମ ମେଦିନୀପୁର ଜିଲାର କୋଟୱାଲି ଥାନା ଅଧିନରେ ବୋଲି କୁହାଯାଇଛି । ଜବତ୍ ହୋଇଥିବା ଧଳାଜହରର ମୂଲ୍ୟ ୩୦ ଲକ୍ଷ ଟଙ୍କା ହୋଇଥିବା ବେଳେ ସେମାନଙ୍କ ନିକଟରୁ ୩ଟି ମୋବାଇଲ୍ ଓ ଗୋଟିଏ ଭେନିଟି ବ୍ୟାଗ୍ ସହିତ ୬୨୦ଟଙ୍କା ଜବତ୍ ହୋଇଥିବା ଏସ୍ପି ସୂଚନା ଦେଇଛନ୍ତି।

# ବସନ୍ତ ହିଁ ଅନନ୍ତ ଯୌବନର ପ୍ରତୀକ




ବାଲେଶ୍ୱର, ୨୭/୦୨ (ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ସାହିତ୍ୟରେ ବସନ୍ତ ବର୍ଣ୍ଣନା ଶୀର୍ଷକ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଓ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜେଟିଓ ସୁଧାକର ଗିରି, ଶାନ୍ତିଲତା କଲେଜର ଅଧ୍ୟାପିକା ଡ. ମମତା ସାହୁ, ଦୀନକୃଷ୍ଣ ମହାବିଦ୍ୟାଳୟ ଜଳେଶ୍ୱରର ଅଧ୍ୟାପକ ଡ. ଅଜୟ ଗିରି, ଜଗାଇ କଲେଜର ଅଧ୍ୟାପିକା ସୁପ୍ରାସିନୀ ବେହେରା, ଅଧ୍ୟାପକ ହରେନ୍ଦ୍ର ଗାଥାଣ, ଅଧ୍ୟାପକ ରଶ୍ମିତା ମହାପାତ୍ର ଓ ଅଧ୍ୟାପକ ଶ୍ରୀଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବକ୍ତାମାନେ ନିଜ ନିଜର ଅଭିଭାଷଣରେ ବସନ୍ତ ହିଁ ଅନନ୍ତ ଯୌବନର ପ୍ରତୀକ ଓ ଏହା ବିନା ଜୀବନରେ କୌଣସି ଆଧାର ନାହିଁ ବୋଲି କହିବା ସହ ବସନ୍ତକୁ ନିଜ ଜୀବନରେ ସଠିକ୍ ଭାବେ ଉପଯୋଗ କରିପାରିଲେ ଏହା ଜୀବନକୁ ସରସ ସୁନ୍ଦର କରିଥାଏ ବୋଲି କହିଥିଲେ । ଯୌବନର ଅନନ୍ତ ଉନ୍ମାଦନା ଯୁବପିଢ଼ିଙ୍କୁ ଜୀବନକୁ କିଭଳି ଜୀବନ୍ତ ଓ ସରସ ସୁନ୍ଦର କରିଥାଏ ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ପ୍ରକୃତ ପ୍ରେମ ଦେହରେ ନଥାଏ, ଏହା ସମସ୍ତଙ୍କ ଭଲପାଇବା ଭିତରେ ଲୁଚି ରହିଥାଏ । ସେଇ ପ୍ରେମକୁ ଆଧାର କରି ଜୀବନ ଗଢିବାର ପ୍ରୟାସ କରିପାରିଲେ ଆଜିର ଯୁବସମାଜ ଆସନ୍ତାକାଲି ପାଇଁ ଇତିହାସ ନିର୍ମାଣ କରିପାରିବେ ଓ ଏଥିସହିତ ବିଶ୍ୱ ସାହିତ୍ୟରେ ବସନ୍ତର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଯୁକ୍ତ ତିନି ଓଡ଼ିଆ ସମ୍ମାନ ଶ୍ରେଣୀର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଏହି ବସନ୍ତ ଆସରକୁ ପରିଚାଳନା କରିଥିଲେ ଅଧ୍ୟାପକ ତପନ କୁମାର ଦାସ, ସମ୍ଭୁନାଥ ଗିରି, ପ୍ରଶାନ୍ତ ସିଂ, ସତ୍ୟେନ୍ଦ୍ର ପାଲ ଓ ବିଜୟ ବେହେରା ।

# ଅଧ୍ୟାପକଙ୍କୁ ଅନୁରୋଧ, ପିଲାଙ୍କ ସ୍ୱାର୍ଥ ଆଗ, ପରୀକ୍ଷାରେ ସହଯୋଗ କରନ୍ତୁ : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର, ୨୭/୦୨ (ନି.ପ୍ର): ମାର୍ଚ୍ଚ ପହିଲାରୁ ଯୁକ୍ତ ଦୁଇ ପରୀକ୍ଷା ହେବାକୁ ଥିବା ବେଳେ ଅଧ୍ୟାପକଙ୍କ ଆନ୍ଦୋଳନ ଚାଲିଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରତିକ୍ରିୟା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି କିଛି ଅଧ୍ୟାପକ ଦାବି ପୂରଣ ନହେଲେ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଥିବା ବିଭାଗର ନଜରକୁ ଆସିଛି । ଏଥିସହ ସେ ଅଧ୍ୟାପକଙ୍କୁ ଅନୁରୋଧ କରି କହିଛନ୍ତି ପିଲାଙ୍କ ସ୍ୱାର୍ଥ ଆଗ । ତେଣୁ ପରୀକ୍ଷାରେ ସହଯୋଗ କରିବା ପାଇଁ ଆନ୍ଦୋଳନରତ ଅଧ୍ୟାପକମାନଙ୍କୁ ମନ୍ତ୍ରୀ ଅପିଲ କରିଛନ୍ତି । ପରୀକ୍ଷା ପାଇଁ ଅଧିକାଂଶ ହବରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି । ହେଲେ ପରୀକ୍ଷା ପରିଚାଳନାକୁ ନେଇ ଏବେ ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି । କାରଣ ସମାନ ଗ୍ରେଡ୍ ପେ'କୁ ସମାନ ଦରମା ଏବଂ ଅନ୍ୟାନ୍ୟ ଦାବି କରି ଆଜିଠୁ ବିଶାଳ ମହାସମାବେଶ କରିବାକୁ ଯାଉଛନ୍ତି ୬୬୨ ବର୍ଗ କଲେଜ ଅଧ୍ୟାପକ ସଂଘ । ୪ ଦଫା ଦାବିରେ ୬୬୨ ଯୁକ୍ତ ୨ ଓ ଯୁକ୍ତ୩ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ୧୫ ଦିନ ହେଲା ରାଜଧାନୀରେ ଆନ୍ଦୋଳନ କରୁଛନ୍ତି । ଚଳିତବର୍ଷ ୧୧୪୫ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର ୩ ଲକ୍ଷ ୫୮ ହଜାର ପରୀକ୍ଷାର୍ଥୀ ରହିଛନ୍ତି ।

# ଓଡ଼ିଶା ଶୀର୍ଷ ସମବାୟ ସମିତିର ପରିଚାଳନା ପରିଷଦ ଗଠନ ନିର୍ବାଚନ

## ୧୨ଟି ସ୍ଥାନରେ ୬୯.୯୫ ପ୍ରତିଶତ ମତଦାନ, ୪ ପରିଚାଳନା ପରିଷଦ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ଭୁବନେଶ୍ୱର, ୨୭/୦୨ (ନି.ପ୍ର): ଓଡ଼ିଶା ଶୀର୍ଷ ସମବାୟ ସମିତିର ପରିଚାଳନା ପରିଷଦ ଗଠନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୯.୯୫ ପ୍ରତିଶତ ମତଦାନ ହୋଇଛି। ୧୬ରୁ ୧୨ଟି ସମବାୟ ସମିତି ପରିଷଦ ଗଠନ ପାଇଁ ଯୋଗ୍ୟ ବିବେଚିତ ୬୪୫୭ ଭୋଟରଙ୍କ ମଧ୍ୟରୁ ୪୫୧୭ ଜଣ ମତଦାନ କରିଛନ୍ତି। ଏଥିରେ ଓଡ଼ିଶା ଅନୁସୂଚିତ ଜାତି-ଜନଜାତି ଡେଭଲପମେଣ୍ଟ ଫାଇନାନ୍ସ କୋଅପରେଟିଭ କୋଅପରେସନ ଲିମିଟେଡର ନିର୍ବାଚନରେ ଶତ ପ୍ରତିଶତ ଏବଂ ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ମାର୍କେଟିଂ ଫେଡରେସନ ଲିମିଟେଡର ନିର୍ବାଚନ ପାଇଁ ସର୍ବନିମ୍ନ ୪୬.୪ ପ୍ରତିଶତ ମତଦାନ ହୋଇଛି।

ଏହା ପୂର୍ବରୁ ୪ ଶୀର୍ଷ ସମବାୟ ସମିତି ଓଡ଼ିଶା ଫେଡରେସନ ଅଫ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଆଣ୍ଡ କ୍ରେଡିଟ କୋଅପରେଟିଭ ସୋସାଇଟି ଲିମିଟେଡ୍, ଉତ୍କଳିକା, ଓଡ଼ିଶା ଷ୍ଟେଟ ପଲ୍ୟୁଟ୍ରି ପ୍ରଡକ୍ଟ କୋଅପରେଟିଭ ମାର୍କେଟିଂ ଫେଡରେସନ ଲିମିଟେଡ୍ ଏବଂ ଓଡ଼ିଶା ମହିଳା ବିକାଶ ସମବାୟ ନିଗମ ନିର୍ବାଚନ ସମ୍ପନ୍ନ ହୋଇଛି। ଶୀର୍ଷ ସମବାୟ ସମିତିରେ ଅନୁବନ୍ଧିତ ପ୍ରାଥମିକ ଏବଂ କେନ୍ଦ୍ରୀୟ ସମବାୟ ସମିତିର ପରିଚାଳନା ପରିଷଦର ନିର୍ବାଚିତ ସଦସ୍ୟ, ସଦସ୍ୟାମାନେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରିଛନ୍ତି। କ୍ୟାପିଟାଲ ହାଇସ୍କୁଲ, ବଡ଼ଗଡ଼ ସ୍ଥିତ ସରକାରୀ ହାଇସ୍କୁଲ, ୟୁନିଟ-୨ ଆଇଜି ପାର୍କ ନିକଟ ସରକାରୀ ହାଇସ୍କୁଲ, ୟୁନିଟ-୩ ସ୍ଥିତ ସରକାରୀ ହାଇସ୍କୁଲ, ଅଶୋକ ନଗର ସ୍ଥିତ ସରକାରୀ ବାଳିକା ହାଇସ୍କୁଲ, ସହିଦନଗର ସ୍ଥିତ ସରକାରୀ ହାଇସ୍କୁଲ, ମତ୍ସ୍ୟ ସଦର ବିଲ୍ଡିଂ କଟକ ରୋଡ, ଓମଫେଡ ମୁଖ୍ୟ କାର୍ଯ୍ୟାଳୟ ଫେଡରେସନ, ଗଣ୍ଡମୁଣ୍ଡା ସ୍ଥିତ ତାଳଗୁଡ଼ ଭବନ, ରସୁଲଗଡ଼ ସ୍ଥିତ ଓଡ଼ିଶା କୋଅପରେଟିଭ କୟର କୋଅପରେସନ, ୟୁନିଟ-୯ ସ୍ଥିତ ସରକାରୀ ବାଳିକା ସ୍କୁଲ ଏବଂ ଓଏସଏଫଡିସିର ମୁଖ୍ୟାଳୟରେ ଏହି ନିର୍ବାଚନ ହୋଇଛି।

ସାଧାରଣ ନିର୍ବାଚନ ଭଳି ଏଥିରେ ମଧ୍ୟ ପ୍ରିଜାଇଡିଂ ଅଧିକାରୀ, ପୁଲିଂ ଅଧିକାରୀ ଏବଂ ପୁଲିସ ଅଧିକାରୀଙ୍କ ନିଯୁକ୍ତି ପ୍ରଦାନ କରାଯାଇଥିଲା। ବୁଥ ଗୁଡ଼ିକରେ ଭିଡିଓଗ୍ରାଫି ଏବଂ ସିସିଟିଭି ବ୍ୟବସ୍ଥା ହୋଇଥିଲା। ଶୀର୍ଷ ସମବାୟ ନିର୍ବାଚନର ୧୫ ଦିନ ପରେ ସଭାପତି ନିର୍ବାଚନ ହେବ। ଏଥିପାଇଁ ଦୁଇ ଦିନ ପରେ ବିଜ୍ଞପ୍ତି ପ୍ରକାଶିତ ହେବ। ଆଜି ନିର୍ବାଚିତ ହୋଇଥିବା ବ୍ୟକ୍ତିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି ସମବାୟ ଅଧିକାରୀ ବିଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

# ଆମେରିକା ଯିବେ କୋରାପୁଟର ଆୟୁର୍ବେଦ ଗବେଷକ ବୈଦ୍ୟହରି ପାଙ୍ଗି

କୋରାପୁଟ, ୨୭/୦୨ (ନି.ପ୍ର): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ୍ ତେନ୍ତୁଳିଗୁଡାର ବୈଦହରି ପାଙ୍ଗି ଆମେରିକା ଯିବେ। ଆସନ୍ତା ମାସ ୮ ତାରିଖରେ ଆମେରିକା ଠାରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ଭିଜିଟର୍ସ ଲିଡରସିପ କାର୍ଯ୍ୟକ୍ରମରେ ସେ ଯୋଗ ଦେବେ। ପରିବେଶର ପରିବର୍ତ୍ତନ ଓ ଏହାର ନିରାକରଣ ଉପରେ ସେ ଉଦବୋଧନ ଦେବେ। ଆମେରିକା ସରକାରଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ସେ ଚୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୩୧ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବାବେଳେ ସେ ଆମେରିକାରୁ ଏପ୍ରିଲ ୩ରେ ଫେରିବେ।

କୋରାପୁଟର ଏହି ୪୩ ବର୍ଷୀୟ ହରି ଅଷ୍ଟମ ପର୍ଯ୍ୟନ୍ତ ପଢ଼ିଥିଲେ ମଧ୍ୟ ଜଡ଼ିବୁଟି ଉପରେ ତାଙ୍କର ଭଲ ଜ୍ଞାନ ରହିଛି। ତାଙ୍କର ପୂର୍ବ ପୁରୁଷ ପିଢ଼ି ପରେ ପିଢ଼ି ଏହି କ୍ଷେତ୍ରରେ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ପିଲାଟି ଦିନରୁ ବାପା ରୁପା ପାଙ୍ଗୀଙ୍କ ସହ ଜଙ୍ଗଲକୁ ଯାଇ ସେ ଏହି କାର୍ଯ୍ୟ ଶିକ୍ଷା କରିଛନ୍ତି। ଅଦ୍ୟାବଧି ଜଙ୍ଗଲରୁ ଜଡ଼ିବୁଟି ସଂଗ୍ରହ କରି ସେ ପ୍ରାୟ ୪୫୦ ପ୍ରକାରର ଚେରିମୁଳି ଔଷଧ ତିଆରି କରିଛନ୍ତି। ଏହାଦ୍ୱାରା ହୃଦରୋଗ, ରକ୍ତଚାପ, ସିକଲସେଲ୍, ସ୍ନାୟୁ ରୋଗ, ମହିଳାଙ୍କ ଋତୁସ୍ରାବ ସମସ୍ୟା, ଥାଇରଏଡ, କିଡ୍‌ନି ସମସ୍ୟା ଭଳି ୧୦୫ଟି ରୋଗ ଏହି ଔଷଧ ଦ୍ୱାରା ଠିକ୍ ହେଉଥିବା ସେ କହିଛନ୍ତି। ସେମିଳିଗୁଡା ବ୍ଲକ୍ ଡଳିଆମ୍ବ ଠାରେ ଗୁପ୍ତେଶ୍ୱର ଚେରମୁଳି ଔଷଧ ଏବଂ ପାରମ୍ପରିକ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରି ସେ ସମସ୍ତ ଗବେଷଣା କରୁଛନ୍ତି।

କୋରାପୁଟ ସବୁବେଳେ ଆକୃଷ୍ଟ କରିଛି ଜନମାନସକୁ, କେତେବେଳେ ନୈସର୍ଗିକ ଶୋଭା ପାଇଁ, ଆଉ କେତେବେଳେ ନିଜର ମହନୀୟତା ପାଇଁ। ପ୍ରକୃତି କୋଳରେ ବଢ଼ି ଆସିଥିବା କୋରାପୁଟିଆର ହୃଦୟ ବି ବହୁତ ସରଳ, ଦେବାରେ କାର୍ପଣ୍ୟ ନାହିଁ। ସେବାରେ ବି ନିଃସ୍ୱାର୍ଥ ଭାବ। ବନୌଷଧିରେ ଭରପୁର କୋରାପୁଟ ମାଟିର ନିର୍ଯ୍ୟାସରେ କେତେଯେ ଉପଚାରର କଥା ଅଛି ସେସବୁ ଗୋଟିଗୋଟି କରି ବଖାଣିଲେ ହୁଏତ ସମୟ ନିଅଣ୍ଟ ହେବ। ସେଇ ବନୌଷଧିକୁ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ଉତ୍ସର୍ଗ କରିବାରେ କୋରାପୁଟିଆ ନିଜକୁ ସାମିଲ କରି ଗର୍ବ କରେ, କୋଉ ରୋଗ ପାଇଁ କି ପ୍ରକାର ବନୌଷଧିକୁ ନେଇ ଆୟୁର୍ବେଦୀୟ ଚିକିତ୍ସାରେ ଉପଚାର କରି ହେବ ସେକଥା ସେ ବେଶ ଜାଣେ, ରୋଗୀଟିଏ ଖୁସିରେ ଔଷଧ ନେଇ ଫେରେ, ତାହା ବି ବିନା ଅର୍ଥ ଦେୟରେ। ସେମିତି ଏକ ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜ ସକାଶେ ନିଜକୁ ସମର୍ପି ଦେଇଥିବା ଚରିତ୍ର ହେଲେ ହରି ପାଙ୍ଗି।

ଆଦିବାସୀ କୂଳରେ ଜନ୍ମ ହେଇ ସ୍ୱଳ୍ପ ବିଦ୍ୟା ଶିକ୍ଷା ପରେ ସେ ବାଛି ନେଇଛନ୍ତି ଏଇ ରୋଗୀ ସେବାର ମାଧ୍ୟମ। ତେବେ ସକାଳୁ ଉଠି ସୂର୍ଯ୍ୟପୂଜା କରି ନିଜ ଗ୍ରାମର ପାରମ୍ପରିକ ନିଶାଣିମୁଣ୍ଡାରେ ମୁଣ୍ଡିଆ ଟିଏ ମାରି କାମ ଆରମ୍ଭ କରନ୍ତି। ହାତରେ ବ୍ୟାଗ ଖଣ୍ଡିଏ ଧରି ଘଞ୍ଚ ଜଙ୍ଗଲ ଭିତରେ ପ୍ରବେଶ କରି ସନ୍ଧାନ କରିଥାନ୍ତି ଚେରମୂଳି ଓ ଜଡିବୁଟି। ଜଙ୍ଗଲ ମଧ୍ୟରେ ଗଙ୍ଗଶିଉଳି, ବିଶଲ୍ୟକରଣୀ, କୋଚିଲା, ଗୁଡମାରୀ ଭଳି ଏହି ଅଞ୍ଚଳର ପାରମ୍ପରିକ ଔଷଧୀୟ ଗୁଳ୍ମ ଓ ଔଷଧୀୟ ବୃକ୍ଷ ଗୁଡିକର ଚେର, ମୂଳ, କଣ୍ଡା, ପତ୍ର, ଫୁଲ ଓ ଫଳ ସଂଗ୍ରହ କରି ଆଣି ନିଜ ପଖରେ ରଖିଥାନ୍ତି। ପ୍ରକ୍ରିୟାକରଣ କରି ଥାକ ଥାକ ସଜାଇ ପାରମ୍ପରିକ ଭାବେ ପ୍ରସ୍ତୁତ କରିଥାନ୍ତି ଆୟୁର୍ବେଦିକ ଔଷଧ। କିନ୍ତୁ ଏ ଆଦିବାସୀ ଗବେଷକ ବୈଦ୍ୟ ଗୁଜୁରାଟର ଗାନ୍ଧି ନଗରକୁ ଯାଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପାରମ୍ପରିକ ଔଷଧକୁ ନେଇ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଏ ଅଂଚଳର ଔଷଧୀୟ ବୃକ୍ଷ ସଂପର୍କରେ ତଥ୍ୟ ଉପସ୍ଥାପନ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏବେ ଆମେରିକା ଯିବେ ଆଉ ସେଇଠି ସାରା ବିଶ୍ୱ ଦରବାର ଆଗରେ କୋରାପୁଟର ଆୟୁର୍ବେଦ ଔଷଧ ଓ ପରିବେଶ ସନ୍ତୁଳନ ଉପରେ ଭାବ ଆଦାନ ପ୍ରଦାନ କରିବେ। ଆସି ଯାଇଛି ପାସପୋର୍ଟ ଓ ଭିସା। ଆଉ ସେ ମଧ୍ୟ ବହୁତ ଉତ୍ସାହିତ ଅଛନ୍ତି।

# ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପୂର୍ବରୁ ମଣ୍ଡି ବନ୍ଦ



ସିକୋ, ୨୭/୦୨ (ନି.ପ୍ର): ୨୦୨୨-୨୩ ଖରିଫ ଋତୁର ଧାନ ସଂଗ୍ରହ ଆରମ୍ଭ ହେବାର ଦୁଇମାସ ବିତିଛି, କିନ୍ତୁ ଅନେକ ମଣ୍ଡି ପାଇଁ ଦିଆଯାଇଥିବା ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ବେଗୁନିଆ ବ୍ଲକ ଅଧୀନ ଗଡ଼ମାଣତ୍ରୀ ସେବା ସମବାୟ ସମିତିର ୧୬୩ଜଣ ଚାଷୀ ଏଯାଏଁ ଧାନ ବିକ୍ରି କରିପାରିନଥିବା ବେଳେ ଧାନମଣ୍ଡି ଗତ ୧ ସପ୍ତାହ ଧରି ବନ୍ଦ ରହିଥିବା ଓ ଚାଷୀଙ୍କୁ ଆଉ ଟୋକେନ୍ ଆସୁନଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗଡ଼ମାଣତ୍ରୀ ସେବା ସମବାୟ ସମିତିରେ ଚଳିତ ଖରିଫ ଧାନ ସଂଗ୍ରହ ଋତୁରେ ଧାନ ବିକ୍ରି କରିବା ପାଇଁ ୬୫୬ଜଣ ଚାଷୀଙ୍କ ଠାରୁ ୨୨ ହଜାର ୧୧୨ କ୍ୱିଂଟାଲ୍ ଧାନ କିଣାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଜାନୁଆରୀ ପ୍ରଥମ ସପ୍ତାହରୁ ବର୍ତ୍ତମାନ ସୁଦ୍ଧା ୪୯୩ଜଣ ଚାଷୀ ୧୬ହଜାର ୨୧୦ କ୍ୱିଂଟାଲ୍ ଧାନ ବିକ୍ରି କରିଛନ୍ତି। ବର୍ତ୍ତମାନ ଗତ ୧ ସପ୍ତାହ ଧରି ଧାନ ମଣ୍ଡି ବନ୍ଦ ରହିଛି। ବଳକା ୧୬୩ଜଣ ଚାଷୀଙ୍କ ମୋବାଇଲ୍କୁ ପଂଜୀକୃତ ହୋଇଥିବା ସୂଚନା ଆସିଥିଲେ ମଧ୍ୟ ଟୋକେନ୍ ମିଳିନାହିଁ। ଏଣୁ ୧୬୩ଜଣ ଚାଷୀଙ୍କ ଠାରୁ ବଳକା ୫୯୦୨ କ୍ୱିଂଟାଲ୍ ଧାନ ତୁରନ୍ତ କିଣିବା ବ୍ୟବସ୍ଥା କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ଆଗାମୀ ୧ ମାସ ମଧ୍ୟରେ ମଣ୍ଡିକୁ ସଚଳ କରି ଧାନ କିଣିବାର ବ୍ୟବସ୍ଥା କରାନଯାଏ ତେବେ ଚାଷୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

# ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ

କୋରେଇ, ୨୭/୦୨ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଟିନ୍ଦା ଗିରିସାହିରେ ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ୩ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଆଜି ପ୍ରତ୍ୟୁଷରେ ଶହ ଶହ ସଂଖ୍ୟାରେ ଭକ୍ତମାନେ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ବୁଡାଇ ଶୋଭାଯାତ୍ରାରେ ଆସି ସଙ୍କଟ ମୋଚନଙ୍କ ପାଖରେ ପହଂଚିଥିଲେ। ପରେ ଜନ୍ମୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଗୀତା ଯଜ୍ଞ ଆରମ୍ଭ ହୋଇଥିଲା। ୨୮ ତାରିଖ ଯଜ୍ଞର ପୂର୍ଣ୍ଣାହୂତି କରାଯିବା। ଭକ୍ତ ଦର୍ଶକ ମାନେ ପହଂଚି ବିଭୂକୃପା ଲାଭ କରିଥିଲେ। ପଣ୍ଡିତ ପରମାନନ୍ଦ ସତପଥି, ରଘୁନାଥ ପାଢୀ, ରବିନାରାୟଣ ପଣ୍ଡା, ମଧୁସୂଦନ ପାଢୀ, ରାଧାକାନ୍ତ ସେନାପତି ପ୍ରମୁଖ ଯଜ୍ଞରେ ପୂଜକ ଭାବେ ଯୋଗଦାନ କରିଥିବା ବେଳେ କର୍ତା ଭାବେ ଦେବଦତ ସେନାପତି, ଅଶୋକ ସେନାପତି ରଂଜନ ଗିରି ପ୍ରମୁଖ ସସ୍ତ୍ରୀକ ଉପବେଶନ କରିଥିଲେ। କାର୍ଯ୍ୟକ୍ରମରେ ନାମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ମାର୍ଚ୍ଚ ୧ ରୁ ବଲାଙ୍ଗିର ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ୍ ଶିବିର

ବଲାଙ୍ଗିର, ୨୭/୦୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର -୨୦୨୩ ଆଗାମୀ ମାର୍ଚ୍ଚ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ସଇଁନ୍ତଳା ବ୍ଲକ ଅନ୍ତର୍ଗତ ବିଜୟାନନ୍ଦ ହାଇସ୍କୁଲ ବେଲଗାଁ ଠାରେ ଅନୁଷ୍ଠିତ ହେବ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ତଥା ପ୍ରଥମିକ ଉଚ୍ଚ ବିଦ୍ୟାଳୟର ଜୁନିୟର ଓ ରେଡକ୍ରସ କାଉନସିଲର ଯୋଗଦାନ ଦେବେ। ସେଥିପାଇଁ ବେଲଗାଁ ହାଇସ୍କୁଲରେ ଜିଲ୍ଲା ଶିକ୍ଷା ଅଧିକାରୀ ଧୃବ ଚରଣ ବେହେରାଙ୍କ ତତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରେଡକ୍ରସର ଇତିହାସ, ସଡକ ସୁରକ୍ଷା, ରକ୍ତଦାନ, ବୃକ୍ଷରୋପଣ, ପ୍ରାଥମିକ ଚିକିତ୍ସା, କୁସଂସ୍କାର, ବାଲ୍ୟବିବାହକୁ ବିରୋଧ, ନିଶାକୁ ନା, ଜୀବନ କୌଶଳ ଶିକ୍ଷା ତଥା ବିଭିନ୍ନ ସ୍ୱାସ୍ଥ୍ୟ, ସେବା, ବନ୍ଧୁତା ବିଷୟ ଉପରେ ଶିକ୍ଷଣ କାର୍ଯ୍ୟ ହେବ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ସଭାପତିତ୍ୱ ଓ ଜୁନିୟର ରେଡକ୍ରସ ସମ୍ପାଦକ ଅନ୍ତର୍ଯ୍ୟାମି ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଇଁନ୍ତଳା ବିଇଓ ଗୋବର୍ଦ୍ଧନ ଭୋଇ, ଏବିଓ ମହାଦେବ ମିଶ୍ର ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ, ସଇଁନ୍ତଳା ଏଏସଡିର ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ହୋତା, କନ୍ଧକେଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା, ବୁଢ଼ାବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ବରୁଣ କୁମାର ସାହୁ, ଶିଶକ୍ଲୋ ହାଇସ୍କୁଲର ପ୍ରଧାନଶିକ୍ଷକ ମନୋଜ କୁମାର ବେହେରା, ଭଦ୍ରା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀମନ୍ତ ଭୋଇ, ଘୁମସର ହାଇସ୍କୁଲର ପ୍ରଧାନଶିକ୍ଷକ ଅଭିମନ୍ୟୁ ସାହୁ, କେରମେଲି ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ ମିଶ୍ର, ଡେଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର, ସଇଁନ୍ତଳା ବ୍ଲକ ସଂଯୋଜକ ହେମନ୍ତ ବେମାଲ, ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ହେମନ୍ତ ପ୍ରଧାନ, ରଂଜିତା ମିଶ୍ର, ରାମ ନାରାୟଣ ଦାଶ, କାଉନସିଲର ଜ୍ୟୋତିଂମୟ ନାୟକ, ପ୍ରିତମ ରଥ, ଦିପକସେନ ଧରୁଆ, ଶେଷଦେବ ବାରିକ, ଲୋକନାଥ ସେଠ, ମୋହନ ବାଗ, ମନ ବଗର୍ତି, ଉମେଶ ନନ୍ଦ, ଗୋପିନାଥ ବେହେରା, ସଂଜିତ ପାଣି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ପଲ୍ଲୀଶ୍ରୀ ମେଳା: କରୋନା କଟକଣାର ଆର୍ଥିକ ବିପର୍ଯ୍ୟୟ ପରେ ମଧ୍ୟ ୨ କୋଟି ଟଙ୍କାର ବ୍ୟବସାୟ




ଖୋର୍ଦ୍ଧା, ୨୭/୦୨ (ନି.ପ୍ର): କୌଣସି ପ୍ରଦର୍ଶନୀ, ମେଳା ଆଦି ଦ୍ୱାରା କେବଳ ସାମଗ୍ରୀର ପ୍ରଚାରପ୍ରସାର ପାଇଁ ଆୟୋଜିତ ହୋଇନଥାଏ, ଏହା ସହ ଲୋକଙ୍କ ଆଗ୍ରହ, କ୍ରୟଶକ୍ତିର ଆକଳନ ମଧ୍ୟ କରାଯାଇଥାଏ। ଲୋକଙ୍କ ଅର୍ଥନୈତିକ ଆବଶ୍ୟକତାକୁ ନେଇ ବଜାରର ଚାହିଦା ନିର୍ଦ୍ଧାରଣ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ରୂପେ ବ୍ୟବହୃତ ହୋଇଥାଏ। ଦୁଇ ବର୍ଷ କରୋନା କଟକଣା ପରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀମେଳାରେ ଆପାତତଃ ଏହିକଥା ସ୍ପଷ୍ଟ ହୋଇଛି। ୫ ଦିନ ଧରି ଅନୁଷ୍ଠିତ ଏହି ମେଳା କରୋନା ଜନିତ ଆର୍ଥିକ ଦୁସ୍ଥିତିକୁ ଭୁଲ ସାବ୍ୟସ୍ତ କରିଛି। କିନ୍ତୁ ରାଜ୍ୟର ସର୍ବାଧିକ ଶିକ୍ଷିତ ଓ ଶିକ୍ଷାନୁଷ୍ଠାନ ସାନ୍ଦ୍ରତା ଥିବା ଜିଲ୍ଲାର ସଦରମହକୁମାରେ ପୁସ୍ତକ ପ୍ରତି ଆଗ୍ରହ ସବୁଠାରୁ ନିମ୍ନରେ ଥିବା ପ୍ରମାଣିତ ହୋଇଛି।

୨୦୨୦ରେ ଖୋର୍ଦ୍ଧାରେ ପଲ୍ଲୀଶ୍ରୀ ମେଳା ହୋଇଥିଲା, ପୁଣି ଦୁଇ ବର୍ଷ ବ୍ୟବଧାନରେ ଚଳିତ ବର୍ଷ ୫ ଦିନିଆ ପଲ୍ଲିଶ୍ରୀ ମେଳା ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ହୋଇଥିବା ଆକଳନରେ ଦୈନିକ ହାରାହାରି ୧୦ହଜାର ଦର୍ଶକଙ୍କ ସହ ୫ ଦିନରେ ୫୦ରୁ ୬୦ହଜାର ଦର୍ଶକ ଓ ଗ୍ରାହକଙ୍କ ଆଗମନ ହୋଇଥିଲା। ଏହି ମେଳାରେ ୨୯ଟି ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିବା ବେଳେ ୨୩୦ଟି ଷ୍ଟଲ୍, ୧୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସାମଗ୍ରୀ, ୫୦ଟିରେ କୃଷି ଯନ୍ତ୍ରପାତି, ୨୦ଟି ପୁସ୍ତକ ଷ୍ଟଲ୍, ୨୦ଟି ଖାଦ୍ୟ ଷ୍ଟଲ୍ ହୋଇଥିଲା। ୨୧ ତାରିଖରେ ୩୧ଲକ୍ଷ ୩୦ହଜାର, ୨୨ ତାରିଖରେ ୩୫ଲକ୍ଷ ୯୦ହଜାର, ୨୩ ତାରିଖରେ ୪୪ଲକ୍ଷ ୫୯୧୨ଟଙ୍କା, ୨୪ ତାରିଖରେ ୨୭ଲକ୍ଷ ୬୬ ହଜାର ୭୮୦ଟଙ୍କା, ୨୫ ତାରିଖରେ ୫୩ଲକ୍ଷ ୧୯ହଜାର ୮ଶହ ଟଙ୍କା ଏଭଳି ମୋଟ ୧ କୋଟି ୯୨ଲକ୍ଷ ୨୨ ହଜାର ୫୧୨ ଟଙ୍କା ବିକ୍ରି ହୋଇଥିଲା।


ଦୈନିକ ବିକ୍ରିର ହିସାବ ଅନୁସାରେ, ୨୧ ତାରିଖରେ ଏସ୍‌ଏଚଜି ବ୍ରିକି ୩ଲକ୍ଷ ୬୫ହଜାରଙ୍କା, କୃଷି ଯନ୍ତ୍ରପାତି ୨୬ଲକ୍ଷ ୮୦ହଜାର, ଖାଦ୍ୟ ୮୫ ହଜାର ଟଙ୍କା। ୨୨ ତାରିଖରେ ଏସ୍?ଏଚ୍?ଜି ବିକ୍ରି ୧୭ଲକ୍ଷ ୭୮ହଜାର, ଖାଦ୍ୟ ୯୦ ହଜାର, ପୁସ୍ତକ ୨୩ହଜାର ୭୫ଟଙ୍କା, ଡିଆଇସି ଓ ହସ୍ତଶିଳ୍ପ ୯୭ହଜାର ୫୦୦ ଟଙ୍କା। ୨୩ ତାରିଖରେ ଏସ୍‌ଏଚ୍ଜି ବ୍ରିକି ୭୨ଲକ୍ଷ ୭୮୫୫, କୃଷି ଯନ୍ତ୍ରପାତି ୩୪ଲକ୍ଷ ୪୯ହଜାର ୫୭ଟଙ୍କା, ଖାଦ୍ୟ ୧ଲକ୍ଷ ୧୦ହଜାର, ପୁସ୍ତକ ୨୮ ହଜାର, ଡିଆଇସି ଓ ହସ୍ତଶିଳ୍ପ ୮୯ହଜାର ଟଙ୍କା। ୨୪ ତାରିଖରେ ଏସ୍‌ଏଚ୍ଜି ବିକ୍ରି ୮ଲକ୍ଷ ୮୪ହଜାର ୮୪୫ଟଙ୍କା, କୃଷି ଯନ୍ତ୍ରପାତି ୧୫ଲକ୍ଷ ୭୦ହଜାର, ଖାଦ୍ୟ ୧ଲକ୍ଷ ୭୫ହଜାର, ପୁସ୍ତକ ୨୫ ହଜାର ୫୨୫, ଡିଆଇସି ଓ ହସ୍ତଶିଳ୍ପ ୧ଲକ୍ଷ ୧୧ହଜାର ୪୧୦ଟଙ୍କା। ୨୫ ତାରିଖରେ ଏସ୍‌ଏଚଜି ବ୍ରିକି ୧୦ଲକ୍ଷ ୧୭ହଜାର ୮୨୦ଟଙ୍କା, ଖାଦ୍ୟ ୧ଲକ୍ଷ ୯୨ହଜାର, ପୁସ୍ତକ ୨୪ହଜାର ୫୨୦, ଡିଆଇସି ଓ ହସ୍ତଶିଳ୍ପ ୧ଲକ୍ଷ ୨୦ହଜାର ୪୬୦ଟଙ୍କା ବିକ୍ରି ହୋଇଛି। ୨୫ ତାରିଖରେ ମେଳା ବିଧିବଦ୍ଧ ଭାବେ ଉଦ୍‌ଯାପିତ ହୋଇଯାଇଥିଲେ ମଧ୍ୟ ଷଷ୍ଠଦିନ ପାଇଁ ଗ୍ରାହକଙ୍କ ଆବଶ୍ୟକତାକୁ ନେଇ ୧୮୦ଟି ଷ୍ଟଲ୍ ଖୋଲାଯାଇଛି। ଆଜି ମଧ୍ୟ ପୂର୍ବଦିନ ଭଳି ୨୫ରୁ ୩୦ଲକ୍ଷ ଟଙ୍କା ବ୍ୟବସାୟ ହେବ ବୋଲି ଅନୁମାନ କରାଯାଇଛି।

କରୋନା ପୂର୍ବବର୍ତ୍ତୀ ୨୦୨୦ ଜାନୁଆରୀ ୨୭ରେ ରେ ହୋଇଥିବା ପଲ୍ଲୀଶ୍ରୀମେଳା ୭ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ୧ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ୫ ଦିନ ମେଳାରେ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିକ୍ରି ହେବା ଲୋକଙ୍କ ଏକ ସୁସ୍ଥ ଆର୍ଥିକ ସ୍ଥିତି ଓ କ୍ରୟଶକ୍ତିକୁ ସୂଚାଉଥିବା ଜଣାଯାଇଛି।

# ଜୟପୁରରେ ଝାମିଯାତ୍ରା ଅନୁଷ୍ଠିତ

ଜୟପୁର, ୨୭/୦୨ (ନି.ପ୍ର): ଜୟପୁରରେ ଝାମିଯାତ୍ରା ଅନୁଷ୍ଠିତ ହୋଇଛି। ଝାମି ଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଇଥାଏ। ଶିବରାତ୍ରଠାରୁ ଆରମ୍ଭ ହୋଇଥାଏ ଏହି ଯାତ୍ରାର ପ୍ରସ୍ତୁତି। ଶିବରାତ୍ର ଦିନ ଶିବ ମନ୍ଦିରରେ ଏକ ପୂଜା କରାଯାଇଥାଏ। ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଗୋଟିଏ ବାଳକକୁ ହଳଦି ଲଗାଯାଇ ସାଜସଜ୍ୟା କରାଯାଇଥାଏ ଏବଂ ଏକ ଶୋଭାଯାତ୍ରାରେ ବାଜା ବଜାଇ ସହରପରିକ୍ରମା କରାଯାଇ ଥାଏ। ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ମାରାତ୍ମ ରୋଗରୁ ମିକ୍ତି ପାଇବା ପାଇଁ ରାଜ ରାଜୁଡା ଅମଳରୁ ଜୟପୁର ରେ ପାଳିତ ହୋଇଆସୁଛି ଝାମିଯାତ୍ର। ଲୋକଙ୍କ ବିଶ୍ୱାସ ଓ ପରମ୍ପରା କୁ ନେଇ ଏହି ଯାତ୍ରା ପାଳିତ ହୋଇ ଆସୁଅଛି। ଶିବ ରାତ୍ର ପରେ ଫାଲଗୁନ ମାସ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ଆଜି ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠ ଠାରେ ଅସ୍ଥାୟୀ ରୁପେ ଏକ ମଣ୍ଡପ କରାଯାଇ ପୁଜାକରାଯାଇଛି। ପରମ୍ପରା ଅନୁଯାୟୀ ଯାତ୍ରା ଠାରେ ବ୍ୟବସାୟି ମାନେ ଚଣା, ସାକରା, ମୁଢି ବିକ୍ରି କରିଥାନ୍ତି। ଶିବରାତ୍ର ରେ ମାହାଦେବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ ପୁଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡି ଧରି ସହରର ସାହି ସାହି ଘରେ ହଳଦୀ ଓ ନିମ୍ବପତ୍ର ଭଗବାନଙ୍କ ଆଶୀବାଦ ଭାବେ ବାଂଟିଥାନ୍ତି।

# ସାଢ଼େ ୪ଲକ୍ଷ ଅଣ୍ଡା ଦେଲେଣି ଅଲିଭ୍ ରିଡ୍‌ଲେ



ବ୍ରହ୍ମପୁର, ୨୭/୦୨ (ନି.ପ୍ର): ଗଞ୍ଜାମ ବ୍ଲକ୍ ଋଷିକୁଲ୍ୟା ମୁହାଣରେ ପ୍ରକୃତିର ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ଚାଲିଛି। ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ଗଣଅଣ୍ଡାଦାନରେ ଲକ୍ଷାଧିକ କଇଁଛ ସାମିଲ୍ ହୋଇଛନ୍ତି। ଆଜି ସକାଳ ସୁଦ୍ଧା ମୋଟ ୪ ଲକ୍ଷ ୬୫ ହଜାର କଇଁଛ ଅଣ୍ଡାଦାନ କରିଛନ୍ତି। ଏହି ସଂଖ୍ୟା ୫ ଲକ୍ଷ ଟପିବ ବୋଲି ଅନୁମାନ କରାଯାଉଛି। ଗଞ୍ଜାମ ବ୍ଲକ୍‌ର ପୋଡ଼ମପେଟାରୁ ବଟେଶ୍ୱର ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ବାଲୁକାଶଯ୍ୟାରେ କଇଁଛ ଅଣ୍ଡାଦାନ କରୁଛନ୍ତି। ଗତକାଲି ସନ୍ଧ୍ୟାରୁ ଆଜି ସକାଳ ୬ଟା ପର୍ଯ୍ୟନ୍ତ ମୋଟ ୧ ଲକ୍ଷ ୪୦ ହଜାର କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ। ଗତ ୨୨ତାରିଖରୁ ଆଜି ପର୍ଯ୍ୟନ୍ତ ମୋଟ ୪ ଲକ୍ଷ ୬୫ ହଜାର କଇଁଛ ଅଣ୍ଡାଦାନ କରିଥିବା ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଗତବର୍ଷ ପ୍ରାୟ ସାଢ଼େ ୫ଲକ୍ଷ କଇଁଛ ଗଣଅଣ୍ଡାଦାନ କରିଥିବା ବେଳେ ଚଳିତବର୍ଷ ଏହି ରେକର୍ଡ ଭାଙ୍ଗିବ ବୋଲି ଅନୁମାନ କରାଯାଉଛି।

# ହଟ୍ଟକେଶ୍ୱର ମହାଦେବଙ୍କ ଲକ୍ଷାଧିକ ଟଙ୍କାର ରୂପା ଅଳଙ୍କାର ଚୋରି

ଖୋର୍ଦ୍ଧା, ୨୭/୦୨ (ନି.ପ୍ର): ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବାବା ହଟ୍ଟକେଶ୍ୱର ମହାଦେବଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ବାଘମାରୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ମନ୍ଦିର ମଧ୍ୟରୁ ବାବା ହଟ୍ଟକେଶ୍ୱର ଦେବଙ୍କ ପ୍ରାୟ ୭୦ ହଜାର ଟଙ୍କା ମୂଲ୍ୟର ରୁପାର ନାଗ, ବଡ ପିତଳ ନାଗ, ଦୁଇଟି ହୁଣ୍ଡିବାକ୍ସ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରୁପାର କିରିଟି ଓ ମା ପାର୍ବତୀଙ୍କ ରୁପାର ଖଡୁ ଚୋରି ହୋଇଯାଇଥିବାର ଖବର ଗତକାଲି ଦାୟିତ୍ୱରେ ଥିବା ସେବାୟତ କାଙ୍ଗାଳି ମହାପାତ୍ର ଜଣାଇବା ପରେ ସେବାୟତ ବୋର୍ଡର ଟ୍ରଷ୍ଟୀ ଗୋପିନାଥ ମହାପାତ୍ର ଏ ସଂକ୍ରାନ୍ତରେ ବାଘମାରୀ ଥାନାରେ ଅଭିଯୋଗ କରିଛନ୍ତି।

## ମଦ ନିଶା ଖସାଇବାକୁ ଆପଣାନ୍ତୁ ଏସବୁ ତୁଟ୍କା ଚିକିତ୍ସା

**ଲେମ୍ବୁ**

ନିଶା ଖସେଇବା ପାଇଁ ଲେମ୍ବୁ ରସ ବହୁତ ସାହାଯ୍ୟ କରିଥାଏ । ଲେମ୍ବୁ ଚା ପିଇବା ଦ୍ୱାରା ହ୍ୟାଙ୍ଗଓଭର କମିଯାଇଥାଏ । ଲେମ୍ବୁ ରସ ଆଲକୋହଲକୁ ଶୋଷିନେଇଥାଏ ଏବଂ ତତକ୍ଷଣାତ୍ ଆରାମ ଦିଏ । ଏକ ଗ୍ଲାସ ଥଣ୍ଡା ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ ନିଶା କମିଯାଇଥାଏ ।

**ଅଦା**

ନିଶା ଖସାଇବାକୁ ଅଦା ମଧ ବହୁତ ଉପଯୋଗୀ । ଅଦା ଆଲକୋହଲକୁ ଭଲ ଭାବରେ ହଜମ କରିଥାଏ, ଯେଉଁ କାରଣରୁ ନିଶା ଖସିଯାଏ ।

**ପୋଦିନା ପତ୍ର**

ଗରମ ପାଣିରେ ୩ରୁ ୪ଟି ପୋଦିନା ପତ୍ର ମିଶାଇ ପିଇବା ଦ୍ୱାରା ନିଶା ଶେଷ ହୋଇଯାଇଥାଏ । ହ୍ୟାଙ୍ଗଓଭରରୁ ମୁକ୍ତି ପାଇବା ପାଇଁ ପୋଦିନା ହେଉଛି ସବୁଠାରୁ ସହଜ ଉପାୟ ।

**ମହୁ**

ମଦ୍ୟପାନର ପାର୍ଶ୍ୱ ପ୍ରତିକ୍ରିୟା ଦୂର କରିବାରେ ମହୁ ପ୍ରଭାବଶାଳୀ । ଏଥିରେ ମେଟାବୋଲିଜିମ୍ ତ୍ୱରାନ୍ୱିତ କରିବାର କ୍ଷମତା ଅଛି, ଯେଉଁ କାରଣରୁ ଆଲକୋହଲ ସହଜରେ ହଜମ ହୁଏ ଏବଂ ହ୍ୟାଙ୍ଗଓଭର ବାହାରିଯାଇଥାଏ ।

**ଫଳ**

ଯଦି ଆପଣ ହ୍ୟାଙ୍ଗଓଭରରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ତେବେ ଫଳ ମଧ ଖାଇପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ନିଶାରୁ ମୁକ୍ତି ପାଇବା ପାଇଁ ଆପଲ୍ ଏବଂ କଦଳୀ ବହୁତ ସାହାଯ୍ୟ କରିଥାଏ । କଦଳୀ ସେକରେ ମହୁ ମିଶାଇ ପିଇବା ଦ୍ୱାରା ହ୍ୟାଙ୍ଗଓଭରରୁ ମୁକ୍ତି ମିଳିଥାଏ ।




ଆପଣଙ୍କ ପରିବାରର କେହି ସଦସ୍ୟ ପ୍ରଚୁର ମଦ୍ୟପାନ କରୁଛନ୍ତି କି ? କିମ୍ବା ଆପଣ ଅତ୍ୟଧିକ ମଦ୍ୟପାନ କରିଦେଇଛନ୍ତି ଓ ମଦ ନିଶାରୁ ମୁକୁଳିପାରୁନାହାନ୍ତି । ମଦ ପିଇବା ପରେ ହେଉଥିବା ହ୍ୟାଙ୍ଗଓଭର ଖସାଇବାକୁ ଚାହୁଁଛନ୍ତି କି ? ତେବେ ଆଜି ଆମେ ଆପଣଙ୍କୁ ଏଭଳି କିଛି ଘରୋଇ ତୁଟୁକା ଚିକିତ୍ସା ବାବଦରେ କହିବୁ ଯାହାର ଉପଯୋଗ ମାତ୍ରେ ନିଶା କମିଯିବ । କାରଣ ଅତ୍ୟଧିକ ମଦ ପିଇବା ଦ୍ୱାରା ଅନେକ ସମୟରେ ହ୍ୟାଙ୍ଗଓଭର ବହୁତ ସମୟ ଧରି ରହିଥାଏ । ଏପରି ପରିସ୍ଥିତିରେ, ନିଜ ଉପରେ କୌଣସି ନିୟନ୍ତ୍ରଣ ରହିନଥାଏ ଏବଂ ବେଳେବେଳେ ଏହି କାରଣରୁ ଲଜ୍ଜାର ସମ୍ମୁଖୀନ ହେବାକୁ ପଡେ । ବେଳେବେଳେ ଏହା ମଧ ଦେଖାଯାଏ ଯେ ମଦ ନିଶା ଛାଡ଼ିଯାଇଥିଲେ ବି ମୁଣ୍ଡବିନ୍ଧା, ଆଖି ଲାଲ ଦେଖାଯିବା, ମାଂସପେଶୀ ଯନ୍ତ୍ରଣା, ଅତ୍ୟଧିକ ଶୋଷ ଲାଗିବା, ରକ୍ତଚାପ ବୃଦ୍ଧି, ଝାଳ ବୋହିବା ଭଳି ସମସ୍ୟା ଦେଖାଯାଇଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ ନିଶା ଛଡ଼ାଇବାକୁ ଚାହାଁନ୍ତି, ତେବେ ଏହି ସବୁ ଘରୋଇ ଉପଚାର ଆପଣଙ୍କ ପାଇଁ ଉପଯୋଗୀ ହୋଇପାରେ ।



## ରମଣ ପ୍ରଭାବର ସ୍ମରଣୀୟ ଦିନ

**ଡ଼ଃ.ଅରୁନ୍ଧତୀ ଦେବୀ**



ଫେବୃଆରୀ ୨୮କୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳନ କରିବା ପାଇଁ ୧୯୮୬ରେ ନେସ୍ନାଲ କାଉନ୍ସିଲ ଫର ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କମ୍ୟୁନିକେସନ୍ ପକ୍ଷରୁ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । କାରଣ ଏହି ଦିନରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ଭାରତୀୟ ବିଜ୍ଞାନୀ ଚନ୍ଦ୍ରଶେଖର ଭେଙ୍କଟ ରମଣ 'ରମଣ ପ୍ରଭାବ' ବା 'ରମଣ ଇଫେକ୍ଟ' ଆବିଷ୍କାର କରିଥିଲେ । ୨୦୦୦ ମସିହାରୁ ଫେବୃଆରୀ ୨୮କୁ ଭାରତରେ ସର୍ବତ୍ର ବିଜ୍ଞାନ ଦିବସ ଭାବେ ପାଳନ କରାଯାଉଛି । ବିଜ୍ଞାନ ପ୍ରତି ଶିକ୍ଷିତଙ୍କୁ ଆକର୍ଷିତ କରିବ, ବୈଜ୍ଞାନିକ କ୍ଷେତ୍ରର ପ୍ରଚାର ପ୍ରସାର ସଂପ୍ରସାରଣ ଆଦି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏନ୍ସିଏସ୍ଟିସି ଭାରତର ବିଜ୍ଞାନ ପ୍ରତିଭାଙ୍କୁ ସମ୍ମାନିତ କରିବା ନିମନ୍ତେ ଏହି ଦିନରେ ନେସ୍ନାଲ ସାଇନ୍ସ ପପୁଲାରାଇଜେସନ୍ ପୁରସ୍କାର ପ୍ରଦାନ କରୁଛି । ବିଷୟ ଭିତ୍ତିରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଉଛି । ୨୦୧୩ର ବିଷୟ ଥିଲା 'ଜିନ୍ ପରିବର୍ତ୍ତିତ ଫସଲ ଓ ଖାଦ୍ୟ ନିରାପତ୍ତା' । ଚଳିତବର୍ଷର ବିଷୟ ହେଉଛି 'ଶକ୍ତି ସଂରକ୍ଷଣ' । ଜାତୀୟ ବିଜ୍ଞାନ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରାଇବା । ଜନସାଧାରଣଙ୍କୁ ବୈଜ୍ଞାନିକ ଉପଲବ୍ଧିଗୁଡ଼ିକ ବିଷୟରେ ସଜାଗ କରିବା । ଏହି ଦିବସ ଅବସରରେ ସମସ୍ତ ବିଜ୍ଞାନ ସଂସ୍ଥାନ, ଜାତୀୟ ବିଜ୍ଞାନ ଏବଂ ଅନ୍ୟ ପ୍ରୟୋଗଶାଳା, ବିଜ୍ଞାନ ଏକାଡ଼େମୀ, ସ୍କୁଲ, କଲେଜ ଆଦିରେ ବୈଜ୍ଞାନିକ ଗବେଷଣା ସମ୍ବନ୍ଧିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ବିଜ୍ଞାନ କ୍ଷେତ୍ରରେ ବିଶେଷ ଯୋଗଦାନ ନିମନ୍ତେ ରାଷ୍ଟ୍ରୀୟ ଏବଂ ଅନ୍ୟ ପୁରସ୍କାର ମଧ ଏହି ଅବସରରେ ପ୍ରଦାନ କରାଯାଇଥାଏ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ

ମୋ : ୯୯୩୭୧୭୨୮୧୦


## କେଶ ଝଡୁଛି କି ? ଏହି ସବୁ ସତର୍କତା ଅବଲମ୍ବନ କରିବାକୁ ଭୁଲନ୍ତୁ ନାହିଁ

ଆଜିକାଲି କେଶ ଝଡ଼ିବା ଏକ ସାଧାରଣ ସମସ୍ୟା । ମୁଖ୍ୟତଃ ଅତ୍ୟାଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ । ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇ ନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ । କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ । କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ । ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ ; ବରଂ ଭିତରୁ ହୋଇଥାଏ । ତେବେ ଚାଲନ୍ତୁ ଜାଣିବା କ'ଣ କଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ ।

♦ ଆପଣଙ୍କର ଯଦି ଧୂମପାନ ଅଭ୍ୟାସ ଅଛି ତ ଆପଣଙ୍କୁ ତାହା ଛାଡ଼ିବାକୁ ପଡ଼ିବ । କାରଣ ଧୂମପାୟୀଙ୍କ କ୍ଷେତ୍ରରେ କେଶ ଝଡ଼ିବା ସମସ୍ୟା ଟିକେ ଅଧିକ ରହିଥାଏ ।

♦ ଚିନ୍ତା ବି କେଶ ଝଡ଼ିବାର ଏକ ପ୍ରମୁଖ କାରଣ ହୋଇଥାଏ । ଚିନ୍ତା ମୁକ୍ତ ରହିଲେ କେଶ ଝଡ଼ିବା ସମସ୍ୟାକୁ ସହଜରେ ଦୂରେଇ ଦେଇ ହେବ ।

♦ ପ୍ରଦୂଷଣ କେଶ ପାଇଁ ଖୁବ୍ ଖରାପ ହୋଇଥାଏ । ସେଥିପାଇଁ ବାହାରକୁ ଗଲା ବେଳେ ଆପଣ ନିଜ କେଶରେ କପଡ଼ା ଗୁଡ଼ାଇ ଯିବାକୁ ଚେଷ୍ଟା କରନ୍ତୁ ।

♦ କେଶରେ ଲୁଣ ପାଣି ନବଜାଇବାକୁ ଚେଷ୍ଟା କରନ୍ତୁ । ସମୁଦ୍ରରେ ଯଦି କେବେ ଗାଧଉଛନ୍ତି ତ ପ୍ରଥମେ କେଶକୁ ସୁରକ୍ଷା ଦିଅନ୍ତୁ । ସମୁଦ୍ର ପାଣି କେଶ ପାଇଁ ଆଦୌ ବି ଭଲ ହୋଇନଥାଏ ।



## ଝିଟିପିଟି ଘରେ ରହିବେନି

ପ୍ରାୟ ପ୍ରତ୍ୟେକଙ୍କ ଘରେ ଝିଟିପିଟି ଦେଖାଯାଇଥାଏ । ଏମାନଙ୍କୁ ଯେତେ ତଡିଲେ ବି ବାରମ୍ବାର ଆସୁଥାନ୍ତି । ଅସରପା ଏବଂ ଝିଟିପିଟି ଏ ଦୁଇଟି ଜୀବ ଘରେ ଦେଖାଯିବା ସାଧାରଣତ କଥା ହୋଇଥିଲେ ବି ଅନେକେ ଏହାକୁ ଭୟ କରନ୍ତି । ଝିଟିପିଟିଠାରୁ ମୁକ୍ତ ପାଇବାର କେତେକ ସାଧାରଣ ଘରୋଇ ଉପାୟ ଜାଣନ୍ତୁ-

-ଦିନରେ ବାରମ୍ବାର ଘର କାନ୍ଥକୁ ପାଣି ଛାଟିଲେ ବି ଝିଟିପିଟି ଦାଉରୁ ମୁକ୍ତି ମିଳେ । ଖାଲି ପାଣି ବଦଳରେ ଏକ ପାତ୍ରରେ ପିଆଜ ଓ ରସୁଣ ରସ ନେଇ ସେଥିରେ ପାଣି ମିଶାଇ କାନ୍ଥରେ ଏବଂ ଝିଟିପିଟି ବେଶୀ ଆସୁଥିବା ସ୍ଥାନରେ ଛାଟିଲେ ସୁଫଳ ମିଳିଥାଏ । ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ ବି ଛିଞ୍ଚିପାରିବେ । କାରଣ, ଏଗୁଡ଼ିକର ତୀବ୍ର ଗନ୍ଧ ଝିଟିପିଟି ସହିପାରେ ନାହିଁ ।

-ମୟୂର ପୁଛକୁ ଝିଟିପିଟି ଭୟ କରେ । ତେଣୁ ଯେଉଁଠାରେ ବେଶୀ ଝିଟିପିଟି ଦେଖାଯାଉଛନ୍ତି, ସେ ସ୍ଥାନରେ କିମ୍ବା ଫୁଲଦାନିରେ ବି କେତୋଟି ମୟୂର ପୁଛ ରଖିଦିଅନ୍ତୁ ।



## ଓଟସ୍ ଖାଇ ସୁସ୍ଥ ରୁହନ୍ତୁ

ବଲିଉଡ ଓ ହଲିଉଡ ସିନେତାରକାଙ୍କ ପ୍ରମୁଖ ଖାଦ୍ୟ ପାଲଟିଛି ଓଟସ୍ । ବଜାରରେ ମଧ ବିଭିନ୍ନ ସୁଆଦର ଓଟସ୍ ଉପଲବ୍ଧ ହେଉଥିବା ବେଳେ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରୋଲ୍ଡ ଓଟସ୍ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏକ ପ୍ରକୃଷ୍ଟ ଖାଦ୍ୟ ।

■ଜଣେ ବ୍ୟକ୍ତି ସକାଳ ଜଳଖିଆ ହେଉ କିମ୍ବା ଦ୍ୱିପହର ଭୋଜନ ଅବା ରାତ୍ରିଭୋଜନ ଯେ କୌଣସି ସମୟରେ ଓଟସ୍ ଖାଇପାରିବ ।

-ଓଟସ୍କୁ କ୍ଷୀରରେ ଅବା ଦହିରେ ମିଶାଇ ନଚେତ୍ ଓଟସ୍ ଖେଚୁଡ଼ି କରି ମଧ ଖାଇହେବ । ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରପୂର ଏହି ଓଟସ୍ ଯୁବ ପିଢ଼ି ଓ ବୟସ୍କ ବର୍ଗ ଉଭୟ ଖାଇପାରିବେ । ସକାଳବେଳା ଜଳଖିଆରେ ଏହା ଖାଇଲେ ଅନେକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନାହିଁ ।



■କୋଲେଷ୍ଟରଲ୍ କମ୍ ଥିବା ଏଇ ଖାଦ୍ୟ ମେଦବହୁଳ ରୋଗୀଙ୍କ ନିମନ୍ତେ ଖୁବ୍ ଭଲ ।

## ବିଶ୍ୱରେ ବଢୁଛି ମଧୁମେହ ରୋଗ

୨୦୪୦ ସୁଦ୍ଧା ଭାରତରେ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ୧୧୬ ପ୍ରତିଶତ ବୃଦ୍ଧି ପାଇବ । ବିଶ୍ୱରେ ଏହା ୧୦୬.୯ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ଲେନସେଟ୍ ଡାଇବିଟିକ୍ସ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ୨୦୨୧ ମସିହାରେ ବିଶ୍ୱର ୮୪ ଲକ୍ଷ ୨୩ ହଜାର ୫୩୦ ଜଣଙ୍କଠାରେ ଟାଇପ-୧ ମଧୁମେହ ରୋଗ ଚିହ୍ନଟ କରାଯାଇଛି । ଏମାନଙ୍କ ମଧ୍ୟରେ ୬୪ ପ୍ରତିଶତ ୨୦-୫୯ ବର୍ଷୀୟ ଅଟନ୍ତି । ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୮ ଲକ୍ଷ ୧୮ ହଜାର ୬୨୦ । ୨୦୨୦ ମସିହା ତୁଳନାରେ ଏହା ୫.୧ ପ୍ରତିଶତକୁ ବୃଦ୍ଧି ପାଇଛି । ଲେନସେଟ୍ର ଏହି ଅଧ୍ୟୟନ ଅନୁସାରେ, ବିଶ୍ୱରେ ଦେଖାଯାଉଥିବା ଟାଇପ-୧ ମଧୁମେହ ରୋଗୀଙ୍କ ମଧ୍ୟରୁ କେବଳ ୬୦ ପ୍ରତିଶତ ଭାରତର । ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୧୪ ଲକ୍ଷ ୧୪ ହଜାର ୪୪୧, ଭାରତରେ ୮ ଲକ୍ଷ ୧୮ ହଜାର ୬୨୦, ବ୍ରାଜିଲରେ ୫ ଲକ୍ଷ ୬୪ ହଜାର ୨୪୯, ଚାଇନାରେ ୪ ଲକ୍ଷ ୩୦ ହଜାର ୬୪୭, ଜର୍ମାନରେ ୪ ଲକ୍ଷ ୨୨ ହଜାର ୮୭ ଜଣଙ୍କଠାରେ ମଧୁମେହ ଚିହ୍ନଟ କରାଯାଇଛି । ଇନସୁଲିନ ଉପରେ ନିର୍ଭରଶୀଳ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ଭାରତରେ ଅଣସଂକ୍ରାମକ ରୋଗ ତାଲିକାରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ ନୁହେଁ । ୨୦୧୯ ମସିହାରେ ସମୁଦାୟ ମୃତ୍ୟୁର ୬୬ ପ୍ରତିଶତ ଲୋକଙ୍କର ଅଣସଂକ୍ରାମକ ରୋଗ ଯୋଗୁଁ ମୃତ୍ୟୁ ହୋଇଥିଲା ।

## ୬୦ ସେକେଣ୍ଡରେ ଫିଟ୍ ରୁହନ୍ତୁ

**ପରିବର୍ତ୍ତନଶୀଳ ଜୀବନଶୈଳୀରେ ନିଜକୁ ଫିଟ୍ ରଖିବା ଜରୁରୀ । ହେଲେ ଛୋଟ ଛୋଟ କଥାକୁ ଆପଣାଇ କିପରି ଫିଟ୍ ରହିହେବ ସେକଥା ଖୁବ୍ କମ୍ ଲୋକ ଜାଣନ୍ତି ।**

**ଜୋତା ଘର ବାହାରେ ରଖନ୍ତୁ:**


ଘର ଭିତରକୁ ଯିବା ସମୟରେ ଜୋତା ବାହାରେ ରଖନ୍ତୁ । ଫଳରେ ଧୂଳି, ମାଟି ଓ କେମିକାଲଜନିତ ସମସ୍ୟାରୁ ରକ୍ଷା ପାଇବେ । ଏହି ଅଭ୍ୟାସ ଦ୍ୱାରା ଘର ସଫାସୁତୁରା ରଖିପାରିବେ ।

**ଖାଲି ଜାଗାରେ ଛିଙ୍କନ୍ତୁ ନାହିଁ:**

ଛିଙ୍କ ଆସିଲେ ଯଦି ଟିଶୁ କି ନାପ୍କିନ୍ ନାହିଁ ତେବେ କାନ୍ଧ ବା କହୁଣୀରେ ନାକ ଢାଙ୍କିଦିଅନ୍ତୁ । ଏହାଦ୍ୱାରା କୀଟାଣୁଜନିତ ସଂକ୍ରମଣ ହେବାର ସମ୍ଭାବନା କମ୍ ଥାଏ ।

**ଆଖିକୁ ଆରାମ ଦିଅନ୍ତୁ:**

କର୍ମଜୀବୀ ଲୋକ ଓ ଛାତ୍ରଛାତ୍ରୀ ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବିତାଇଥାନ୍ତି । କମ୍ପ୍ୟୁଟର ସ୍କ୍ରିନ୍ର ଲାଇଟ୍



ଆଖି ଉପରେ ପ୍ରଭାବ ପକାଇଥାଏ । ଆଉ ସ୍ପେଶାଲିଷ୍ଟ ଏଥିପାଇଁ ୨୦-୨୦-୨୦ର ନିୟମ କରିଛନ୍ତି । ପ୍ରତି ୨୦ ମିନିଟ୍ରେ କମ୍ପ୍ୟୁଟର ସ୍କ୍ରିନ୍ରୁ ଦୂରେଇ ରହିବାକୁ ହେଲେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ୍ ଦୂରରେ ଥିବା କୌଣସି ବସ୍ତୁକୁ ଦେଖନ୍ତୁ । ଏପରି କରିବା ଦ୍ୱାରା ଆଖିକୁ ଆରାମ ଦେଇପାରିବେ ।

**ପାଣି ପିଅନ୍ତୁ:**

ବହୁତ ପାଣି ପିଅନ୍ତୁ । କୁହାଯାଏ କି ପ୍ରତିଦିନ ୮ ଗ୍ଲାସ୍ ପାଣି ପିଇବା ଉଚିତ । ଆମ ଶରୀରରେର ୭୦ ପ୍ରତିଶତ ପାଣି ରହିଛି । ପାଚନ, ଅବଶୋଷଣ, ପୋଷକ ତତ୍ତ୍ୱକୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ପହଞ୍ଚାଇବା ଓ ଶରୀରର ତାପମାନ ରକ୍ଷା କରିବା ପାଇଁ ତରଳ ପଦାର୍ଥର ଆବଶ୍ୟକତା ରହିଛି ।

**କ୍ରୋଧ ଆସିଲେ ୨୦ ପର୍ଯ୍ୟନ୍ତ ଗଣନ୍ତୁ:**

ଯଦି ଅଧିକ ରାଗ ଲାଗୁଛି ତେବେ ୨୦ ପର୍ଯ୍ୟନ୍ତ ଗଣନ୍ତୁ ଓ ଜୋର୍ରେ ନିଃଶ୍ୱାସ ନିଅନ୍ତୁ । ଏପରି କରିବା ଦ୍ୱାରା ରାଗ ଶାନ୍ତ ହୋଇଯିବ । ଦୀର୍ଘ ନିଃଶ୍ୱାସ ନର୍ଭସ୍ ସିଷ୍ଟମ ଉପରେ ପ୍ରଭାବ ପକାଇ ଶାନ୍ତ ରଖିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଧି ବ୍ୟବସ୍ଥାରେ ସନ୍ଧିଧାନ...

ଭାରତୀୟ ସମ୍ବିଧାନ ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକଙ୍କୁ ଗୋପନୀୟତାର ଅଧିକାର ପ୍ରଦାନ କରାଯାଇଛି। କିନ୍ତୁ ଯେଉଁମାନଙ୍କ ନିକଟରେ ସେମାନଙ୍କର ଏହି ଅଧିକାରକୁ ଦାବି କରିବାର ମାଧ୍ୟମ ନାହିଁ, ସେମାନଙ୍କ ବିଷୟରେ କ'ଣ କୁହାଯାଇପାରିବ? ଉଦାହରଣ ସ୍ୱରୂପ, ପିଲାମାନଙ୍କର ଏହି ଗୋପନୀୟତାର ଅଧିକାର ଅଛି କି? ନିକଟରେ ପିତୃତ୍ୱ ସମ୍ପର୍କିତ ଏକ ମାମଲାର ଶୁଣାଣି କରିବାବେଳେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଏହି ପ୍ରଶ୍ନ ବାବଦରେ ଏକ ସକରାତ୍ମକ ଉତ୍ତର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୋର୍ଟ ପିଲାମାନଙ୍କ ଅଧିକାର ଉପରେ ଜାତିସଂଘର କନ୍‌ଭେନ୍‌ସନର ଅବତାରଣା କରିଛନ୍ତି, ଯାହାକୁ ଭାରତ ୧୯୯୨ରେ ମଂଜୁରୀ ପ୍ରଦାନ କରିଥିଲା। ଏହି କନଭେନସନର ଅବତାରଣା କରିଛନ୍ତି, ଯାହାକୁ ଭାରତ ୧୯୯୨ରେ ମଂଜୁରୀ ପ୍ରଦାନ କରିଥିଲା। ଏହି କନଭେନସନ ଉଲ୍ଲେଖ କରିଛି ଯେ ପିଲାମାନଙ୍କୁ ସେମାନଙ୍କ ଗୋପନୀୟତାର ଅଧିକାରରୁ କେବଳ ଏଇ କାରଣରୁ ବଂଚିତ କରାଯାଇପାରିବ ନାହିଁ ଯେ ସେମାନେ ଛୋଟପିଲା। ଆଉ ଏହା ହିଁ ବେଶ୍ କେତେକ ଆଇନଗତ ପ୍ରଶ୍ନ ଉତ୍‌ଥାପିତ କରିଥାଏ। ପ୍ରଥମ, ଏବଂ ସମ୍ଭବତଃ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ଉଠିଥାଏ ପିଲାଙ୍କର ଗୋପନୀୟତାର ଅଧିକାରର ରକ୍ଷାକର୍ତ୍ତାଙ୍କୁ ନେଇ। ସୁପ୍ରିମକୋର୍ଟଙ୍କର ଏ ବାବଦରେ ମନ୍ତବ୍ୟ ଏକ ପିତୃତ୍ୱ ଦାବି ମାମଲାରେ ଆସିଛି, ଯାହା ଦର୍ଶାଇଛି ଯେ ପିଲାମାନେ ସାଧାରଣତଃ ବୟସ୍କମାନଙ୍କ କଳି ଝଗଡ଼ାରେ ଏକ ପ୍ରସଙ୍ଗ ପାଲଟି ଯାଇଥାନ୍ତି, ଯେଉଁଥିରେ ସେମାନଙ୍କର ଅଧିକାରକୁ ସୁରକ୍ଷା ପ୍ରଦାନ କରିବାର ଦାୟିତ୍ୱ ବହନ କରୁଥିବା ସେହି ବୟସ୍କମାନେ ହିଁ ଏହି ଗୋପନୀୟତାର ଅଧିକାର ପ୍ରତି ଅବଜ୍ଞା ପ୍ରଦର୍ଶନ କରିଥାନ୍ତି। ଏପରି କହିବାର ଅର୍ଥ ଏୟା ନୁହେଁ ଯେ ପିଲାର ଗୋପନୀୟତାର ଅଧିକାରକୁ ଗୁରୁତ୍ୱ ପ୍ରଦାନ କରୁଥିବା ଆଇନରେ କିଛି ଅଭାବ ରହିଛି। କିନ୍ତୁ ଏହି ଆଇନଗୁଡ଼ିକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟରେ ପରିଣତ କରିବା ଏକ ଧୂସର କ୍ଷେତ୍ର ଭାବରେ ରହିଆସିଛି, ସାମାନ୍ୟତମ ଭାବରେ ଏଇଥିପାଇଁ ମଧ୍ୟ ନୁହେଁ ଯେ ପିଲାମାନଙ୍କ ନିକଟରେ ଏହି ଅଧିକାରଗୁଡ଼ିକୁ କାହା ପାଖରେ ଦାବି କରିବା ନିମନ୍ତେ ଉପାୟ ନଥାଏ। ଏହା ଅପରିହାର୍ଯ୍ୟ ଯେ ପିତାମାତା, ଆଇନଗତ ଅଭିଭାବକ ଏବଂ ସର୍ବୋପରି ଏକ ରାଷ୍ଟ୍ର ପିଲାର ଗୋପନୀୟତା ଅଧିକାରର ସୁରକ୍ଷାକାରୀ ଭାବରେ କାର୍ଯ୍ୟ କରିବା ଉଚିତ୍। କିନ୍ତୁ ଏ କଥା ବିଶେଷ କରି ଭାରତରେ ଅତ୍ୟନ୍ତ ଆହ୍ୱାନମୂଳକ ହୋଇଥାଏ, ଯେଉଁଠି ପାରମ୍ପରିକ ପରିବାର ସଂରଚନା ମଧ୍ୟରେ ସଦସ୍ୟମାନଙ୍କ ଭିତରେ ପରସ୍ପରଙ୍କ ସହିତ ରହିଥିବା ନିବିଡ଼ ବନ୍ଧନ ପ୍ରତି ପିଲାର ଗୋପନୀୟତାର ଧାରଣା ବିରୋଧାଚରଣ କରୁଥିବା ଭାବରେ ବିବେଚନା କରାଯାଇଥାଏ। ଏଣୁ ସାଂସ୍କୃତିକ ଲୋକାଚାର, ଯାହା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଧରଣର ହୋଇଥାଏ, ତେଣୁ ଏହିପରି ଭାବରେ ବ୍ୟକ୍ତିଗତ ରୁଚି ଓ ମାଲିକାନା ଉପରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ୨୦୧୦ରେ ଏକ ଘଟଣା ସାମ୍ନାକୁ ଆସିଥିଲା ଯେ ଜଣେ ପିଲାର ପିତାମାତା ସେହି ପିଲାକୁ ତାର ଫେସବୁକ୍ ପାସୱାର୍ଡ଼କୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ବାଧ୍ୟ କରିଥିଲେ। ସମାନ ବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ ସମାନ ଧରଣର ଏକ ଘଟଣା ଘଟିଥିଲା। ଏକଥା ସମସ୍ତଙ୍କୁ ଜଣା ଯେ ନାଗରିକ ସ୍ୱାଧୀନତା ବାବଦରେ ଯୁକ୍ତରାଷ୍ଟ୍ର ଆମେରିକା ସର୍ବବୃହତ ରାଷ୍ଟ୍ରସଂଘ ଏବଂ ବେଶ୍ ଉଦାରବାଦୀ। ଉପରୋକ୍ତ ମାମଲାରେ ସେଠାରେ କୋର୍ଟ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପିଲାର କ୍ଷତି ପାଇଁ ସତୁରି ହଜାର ଡଲାର କ୍ଷତିପୂରଣ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ। ବର୍ତ୍ତମାନ ସମୟରେ ଯୁଗକୁ ଡିଜିଟାଲ ଯୁଗ କୁହାଯାଉଛି। ଏହି ଯୁଗରେ ପିଲାମାନଙ୍କ ଭିତରେ ଡିଜିଟାଲ ସଚେତନତାର ମାତ୍ରା ଅଧିକ ହୋଇଥିବାରୁ ସମ୍ପ୍ରତି ଏକ ନୂତନ ଧରଣର ସମସ୍ୟା ମୁଣ୍ଡ ଟେକିଛି, ଯାହା ପିଲାମାନଙ୍କର ଗୋପନୀୟତାଜନିତ ଅତ୍ୟନ୍ତ ଚିନ୍ତାଜନକ ଦିଗକୁ ସମ୍ମୁଖକୁ ଆଣିଛି। ତାହା ହେଉଛି, ଗୋପନୀୟତା ଭଙ୍ଗ। ୨୦୨୦ରେ କେନ୍ଦ୍ର ସରକାରଙ୍କ ଅନଲାଇନ୍ ଶିକ୍ଷା ଆପ୍ଲିକେସନ୍ ପାଖାପାଖି ବର୍ଷେ ପର୍ଯ୍ୟନ୍ତ ହାରାହାରି ୬ ଲକ୍ଷ ବିଦ୍ୟାର୍ଥୀଙ୍କ ବ୍ୟକ୍ତିଗତ ତଥ୍ୟ, ଯେଉଁଥିରେ ସେମାନଙ୍କ ଠିକଣାଠାରୁ ଆରମ୍ଭ କରି ସେମାନଙ୍କ ପରୀକ୍ଷା ଫଳ ରହିଥିଲା, ତାହା ୱାର୍ଲଡ୍ ୱାଇଡ୍ ୱେବରେ ପ୍ରଦର୍ଶିତ ହୋଇରହିଲା। ପରିଣତିରେ ଏହା ସେମାନଙ୍କ ବ୍ୟକ୍ତିଗତ ତଥ୍ୟଗୁଡ଼ିକର ଅପବ୍ୟବହାର ଏବଂ ଶୋଷଣ କରାଯିବାର ବିପଦ ପ୍ରତି ଉନ୍ମୁକ୍ତ ଥିଲା। ସୁଖର କଥା ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଗତି ସହିତ ଏହାର ଦୁରୁପଯୋଗଗୁଡ଼ିକୁ ରୋକିବା ପାଇଁ ଆଇନ ପ୍ରଣୟନକାରୀ ବ୍ୟବସ୍ଥା ଏଥିସହିତ ତାଳ ଦେବାକୁ ଚେଷ୍ଟା ଚଳାଇଛି।

## ଭଞ୍ଜ ସାହିତ୍ୟରେ ନାରୀ

### ବାଦଲ ଭୂୟାଁ



କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା। କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁକ୍ତି ମାରିଥିଲା। ଯେଉଁ ଅଳଙ୍କାରବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ ସେ। ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି। ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ସେଥିପାଇଁ ଓଡ଼ିଆମାନଙ୍କ ପ୍ରାଣକୁ ଚିହ୍ନିଥିବା ଗୋପବନ୍ଧୁ ଲେଖିଥିଲେ- ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ - ପଥେ ପାନ୍ଥ ଦୁଷ୍ଟମନା, ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷ, ନୃତ୍ୟରଙ୍ଗେ ବାରାଙ୍ଗନା। ଓଡ଼ିଆ ସାହିତ୍ୟ ନିଜର ପୃଷ୍ଠଭୂମି ପାଇଁ ସଂଘର୍ଷ କରୁଥିବା ସମୟରେ ଆବିର୍ଭାବ ହୋଇଥିଲେ ଉଚ୍ଚକୋଟୀର ଶବ୍ଦ ଓ ବର୍ଣ୍ଣନା ଯୋଗୁଁ ଚଷାଠାରୁ ବାରାଙ୍ଗନା ଯାଏଁ ସମସ୍ତଙ୍କ ପ୍ରିୟ ହୋଇପାରିଥିଲା। ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ। ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ ମଧ କରିଥିଲେ ସେ। ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଙ୍କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା। ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ ବିଭିନ୍ନ ଧର୍ମରେ, ଧର୍ମ ଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୁନଭାବେ ଦର୍ଶାଯାଇଛି। ଏହାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରିନଥିଲେ। ତେଣୁ ସେ ଲେଖିଥିଲେ - 'ପୁରାଣ ଅଭିଧାନ ଜାଣିଥିଲେ, ଜାଣି କିସ ହେବ ବିହ୍ୱଦ ହେଲେ। କେବଳ ହିନ୍ଦୁପୁରାଣ ନୁହେଁ, କୋରାନ୍, ବାଇବେଲ୍, ତ୍ରିପିଟକ ଆଦି ଧର୍ମଗ୍ରନ୍ଥ ଗୁଡ଼ିକରେ ମଧ ନାରୀମାନଙ୍କୁ ନ୍ୟୁନଦୃଷ୍ଟିରେ ବର୍ଣ୍ଣନା କରାଯାଇଛି। ହରିବଂଶ ପୁରାଣରେ ବର୍ଣ୍ଣିତ ଅଛି "ଦେବଗୁରୁ ମୋଇଲେ ସ୍ତ୍ରୀରୀଙ୍କ ନଯିବ ପରତେ, ସ୍ତ୍ରୀରିଙ୍କୁ ବିଶ୍ୱାସ ଗଲେ ଅନ୍ୟାଚାର ସଯୁଗତେ।" ଶ୍ରୀମଦଭାଗବତରେ ନାରୀକୁ ମାୟା, ଅଜ୍ଞାନ, ଅନ୍ଧକାର, ଛଳନା ଓ କପଟର ପ୍ରତିରୂପ ଭାବରେ, ମୋକ୍ଷ ସାଧନର ପ୍ରଦାନ ଅନ୍ତରାୟ ଭାବେ ବର୍ଣ୍ଣନା କରାଯାଇଛି। ଏମନ୍ତ ସଙ୍ଗ ନ କରିବ। ଯେ ସୁଭାଗ୍ୟେ ଇଚ୍ଛାଥିବ। ଯେ ମୋକ୍ଷ ସାଧନ ଇଚ୍ଛିବ। ସେ ନାରୀସଙ୍ଗ ନ କରିବ। ନାରୀ ଅଜ୍ଞାନ ତମଦ୍ୱାର। ଯୋଗୀ ଛାଡ଼ିବେ ସଙ୍ଗ ତାର। କେବଳ ମାୟାରେ ଯୁବତୀ। ନିର୍ମାଣ କଲା ପ୍ରଜାପତି। ବ୍ୟାଧ ଯେସନେ ଛନ୍ଦ କରି। ଜୀବ ବିନାଶେ ପାଶେ ଭରି। ତେସନ ନାରୀଙ୍କ ବଚନ। ବିଶ୍ୱାସୀ ହରେ ପ୍ରାଣୀ ମନ।

ଭାଗବତରେ ନାରୀ ମାନଙ୍କୁ ଶୂଦ୍ରମାନଙ୍କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି। କୋରାନ୍ ଓ ବାଇବେଲ୍‌ରେ ମଧ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି। ତ୍ରିପଟକରେ କୁହାଯାଇଛି 'ଯେଉଁ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ ଦୁଧ ପିଉଥିବା ବାଛୁରୀ ଯେପରି ଗାଇ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ।" ଧର୍ମଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା କେବଳ ଲେଖନୀରେ ସୀମିତ ନଥିଲା ବରଂ ତାହା ପ୍ରକୃତରେ ହେଉଥିଲା। ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା ନିଛକ ଉଦାହରଣ ଦେଖିବାକୁ ମିଳିଥାଏ। ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁ ଭଳି ଭାବେ ସର୍ବ ସମ୍ମୁଖରେ ନିର୍ଯ୍ୟାତିତା ହୋଇଛନ୍ତି ତାହା ଏବେ ମଧ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ। କବି ସମ୍ରାଟ ଉପେନ୍ଦ୍ରଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି। ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖି ନାହାନ୍ତି। ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ୍ ନୁହେଁ। ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ। (ଲା.ବ-୪୭/୧୮)

ହିନ୍ଦୁ ପୁରାଣମାନଙ୍କରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନୁସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି। କିନ୍ତୁ ପୁରୁଷମାନଙ୍କ ପ୍ରୀତିର ସେଭଳି ପରାକାଷ୍ଠା କାହିଁ କୌଣସି ସ୍ଥାନରେ ମଧ ଦେଖିବାକୁ ମଳିନାହିଁ। ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ପୁରୁଷଙ୍କ ପାଦର ଯୋତା ଓ ଦାସୀଭାବେ ବର୍ଣ୍ଣନା କରାଯାଇଛି। କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରାଣ ବର୍ଣ୍ଣିତ ଏହି ମତବାଦକୁ ଗ୍ରହଣ କରିପାରି ନାହାନ୍ତି। ସେ କହିଛନ୍ତି ସ୍ତ୍ରୀ ସ୍ୱାମୀଙ୍କ ଭିତରେ ପ୍ରଭୁ - ଭୃତ୍ୟ ସଂପର୍କ ଆଦି ପାରିନାହିଁ ଉଭୟେ ସେବ୍ୟ ପୁଣି ଉଭୟେ ସେବକ। କେବଳ ସେତିକି ନୁହେଁ ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନି ନାହାନ୍ତି ସେ। ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତର ଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ। ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା। କବି ଉପେନ୍ଦ୍ର ଏହାର ବିରୋଧ କରିପାରିଥିଲେ ଯେ, ନାରୀମାନଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ମିଳୁ ନଥିବା ଫଳରେ ସମାଜର ଅର୍ଦ୍ଧାଧିକ ବ୍ୟକ୍ତି ସ୍ଥାଣୁ ହୋଇଯାଇଛନ୍ତି। ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ।

ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି। ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି। ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ। ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି। କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ। ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷତା ପ୍ରମାଣ କରିଛନ୍ତି। କିଏ କୁରଙ୍ଗ କି ଅବା ତୁ ରଙ୍ଗ। ଏଣି ତେଣିକି କରାଇ ସୁରଙ୍ଗ। କିଏ ନବ ବିକଚ ପଦ୍ମଦଳ। ପଡ଼ି କାଳନ୍ଦୀ ଜଳେ ଜଳଜଳ। କିଏ ସୁଧା ସିନ୍ଧୁର ଅବତରି। ହୁଏ ତରଳ ଗରଳ ଲହରୀ। କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ। ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ। (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇନଥିଲେ କବି ଉପେନ୍ଦ୍ର। ଏବେଠାରୁ ତିନିଶହ ବର୍ଷ ତଳେ ମଧ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ। ସେ ଜାଣିଥିଲେ ଯେ ଶିକ୍ଷିତା ନହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଂଗୀତ ଶାସ୍ତ୍ର, ନୃତ୍ୟ ଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ। କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି। ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର। ବୁଦ୍ଧି ବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୁଷୀ, ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି। ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି। ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ।" ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚି ପାରିଛି। ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ। ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବୀ କରାଯାଉଛି, ମହିଳା ସଶକ୍ତିକରଣ କଥା କୁହାଯାଇଛି କିନ୍ତୁ ତାହା ବହୁବର୍ଷ ପୂର୍ବେ ଦୂର ଦୃଷ୍ଟି ସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ।

+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ : ୭୪୮୮୯୯୮୫୩୨

## ବିଶ୍ୱ କଲ୍ୟାଣ ପାଇଁ ବିଶ୍ୱ ବିଜ୍ଞାନ

### ମାନସ ରଂଜନ ପ୍ରଧାନ

'ରମଣ ପ୍ରଭାବ' - ଭାରତ ପାଇଁ ଏହା ଦୁର୍ଲଭ ଥିଲା। ଯିଏ ଏହାକୁ ବାହାର କରିଥିଲେ ତାଙ୍କୁ ୧୯୩୦ ମସିହାରେ ନୋବେଲ ପୁରସ୍କାର ରେ ମଧ ସମ୍ମାନିତ କରାଗଲା। ନିଜର ଆବିଷ୍କାର ପାଇଁ ସେ ଭାରତୀୟ ଇତିହାସରେ ଅମର ହୋଇଗଲେ। ନିଜର ଅଦମ୍ୟ ଇଚ୍ଛା ଶକ୍ତି ଦ୍ୱାରା ସେ ଭାରତୀୟ ତଥା ବିଶ୍ୱ ବିଜ୍ଞାନ ଜଗତକୁ ଦେଇଗଲେ ଏକ ଅଲିଭା ଦୀପ ଯେ କେବେ ଲିଭିବନି। ସେଇ ମହାନ ବୈଜ୍ଞାନିକ ଥିଲେ ନୋବେଲ ବିଜେତା ଚନ୍ଦ୍ର ଶେଖର ଭେଙ୍କଟ ରମଣ। ତାଙ୍କରି ନାଁ ରେ ହିଁ ଆରମ୍ଭ କରାଯାଏ ଜାତୀୟ ବିଜ୍ଞାନ ଦିବସ। ଖଣ୍ଡିଏ ଦର୍ପଣ, ଗୋଟିଏ ଲେନ୍ସ, ଗୋଟିଏ ରଙ୍ଗଛଣା କାଚ ଓ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ହିଁ ତାଙ୍କୁ ନୋବେଲ ଦେଇ ଦେଲା। ତାମିଲନାଡୁର ଆୟାନପେଟାରେ ଜନ୍ମିତ ରମଣଂକୁ 'ରମଣ ପ୍ରଭାବ' ପାଇଁ ଜାଣିଲା ସାରା ବିଶ୍ୱ। ସିଭି ରମଣ ଆବିଷ୍କାର କଲେ ଯେ ଆଲୋକ ରଶ୍ମି ଯେତେବେଳେ ଗୋଟିଏ ସ୍ୱଚ୍ଛ ପଦାର୍ଥ ଦେଇ ଅତିକ୍ରମ କରେ କିଛି ଆଲୋକ ରଶ୍ମି ବିଚ୍ଛୁରିତ ହୋଇଯାଆନ୍ତି ଏବଂ ସେମାନଙ୍କର ଦୈର୍ଘ୍ୟ ଓ ବିସ୍ତୃତିରେ ପରିବର୍ତ୍ତନ ହୁଏ।ଏହି ପ୍ରତ୍ୟକ୍ଷ ଭାବରେ ପରିପ୍ରକାଶ ଘଟଣାକୁ ରମଣ ବିଚ୍ଛୁରଣ ବା ରମଣ ପ୍ରଭାବ କୁହାଯାଏ। ପ୍ରତି ବର୍ଷ ଆଜିର ଦିନରେ ସିଭି ରମଣଙ୍କୁ ସମ୍ମାନ ଦେବାକୁ ଯାଇ ପାଳନ ହୁଏ ଜାତୀୟ ବିଜ୍ଞାନ ଦିବସ।୧୯୮୭ ମସିହା ଫେବୃୟାରୀ ୨୮ ତାରିଖ ଦିନ ପ୍ରଥମ ଥର ପାଇଁ ଏହା ପାଳନ କରାଯାଇଥିଲା।

ସମାଜରେ ବିଜ୍ଞାନକୁ ନେଇ ଜାଗରଣ ସୃଷ୍ଟି କରିବା ଏବଂ ବିଜ୍ଞାନକୁ ଭଲ ପାଉଥିବା ଲୋକଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା ଏହି ଦିବସର ଅନ୍ୟ ଉଦ୍ଦେଶ୍ୟ। ରେଡିଓ , ଟେଲିଭିଜନ, ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ସମସ୍ତଙ୍କୁ ବିଜ୍ଞାନର ପ୍ରତିଟି ଦିଗକୁ ସହଜରେ ଜଣେଇ ଦିଆଯାଏ ଏହି ଦିନ। ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବା ଏବଂ ସେମାନଙ୍କ ବୈଜ୍ଞାନିକ ମନୋଭାବର ବିକାଶ କରିବା ପାଇଁ ମଧ୍ୟ ଏହା ପାଳନ କରାଯାଏ। ବିଜ୍ଞାନ ବିନା ବିକାଶ ସମ୍ଭବ ନୁହେଁ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ବିକଶିତ କରି ଯୁବ ପିଢ଼ି ପାଇଁ ଏ କ୍ଷେତ୍ର ରେ ସୁଯୋଗ ଦେବା ହେଉଛି ଜାତୀୟ ବିଜ୍ଞାନ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଦେଶର ବିକାଶ ପାଇଁ ବୈଜ୍ଞାନିକ ଚିନ୍ତାଧାରା ର ପ୍ରସାର ନିହାତି ଆବଶ୍ୟକ।

ଜାତୀୟ ବିଜ୍ଞାନ ଦିବସ ଏହାକୁ ଆହୁରି ଆଗକୁ ନେଇଥାଏ।ସବୁ ବିଜ୍ଞାନ ସଂସ୍ଥା, ରାଷ୍ଟ୍ରୀୟ ଓ ଅନ୍ୟ ବିଜ୍ଞାନ ପ୍ରୟୋଗଶାଳା, ବିଜ୍ଞାନ ଏକାଡେମୀ, ସ୍କୁଲ୍, କଲେଜ୍, ପ୍ରଶିକ୍ଷଣ ସଂସ୍ଥା ରେ ସମ୍ମାନ ଦିଆଯାଏ ସିଭି ରମଣଙ୍କୁ। ବିଜ୍ଞାନ ଉପରେ ଆଧାରିତ ନିବନ୍ଧ, ବିଜ୍ଞାନ ପ୍ରଶ୍ନୋତ୍ତରୀ, ସେମିନାର ଆୟୋଜନ କରାଯାଏ।ବିଜ୍ଞାନ ପ୍ରତି ବିଶେଷ ଯୋଗଦାନ ପାଇଁ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ଘୋଷଣା କରାଯାଏ ଆଜିର ଦିନରେ।

ପକ୍ଷୀକୁ ଦେଖି ଆମେ ବିଜ୍ଞାନ ବଳରେ ଉଡ଼ାଜାହାଜରେ ଉଡ଼ିଲେ। ହାତ ପାପୁଲିରେ ମୋବାଇଲର କମାଲରେ ଆମେରିକାରେ ଥିବା ପ୍ରିୟ ଜନ ସହ ଗପିଲେ। ପାଦରେ ନ ଯାଇ ସାଇକଲରେ ଯିବା ଆସିବା କଲେ।ମନ ମାନିଲା ନାହିଁ ତ ଚାରି ଚକିଆ ଯାନ ବାହାର କଲେ। ଶେଷରେ ଚନ୍ଦ୍ର ପୃଷ୍ଠରେ ମଧ ପାଦ ଦେଲେ। ଚିକିତ୍ସା କ୍ଷେତ୍ର ହେଉ କି ଗମନାଗମନ, ଗୃହ କାର୍ଯ୍ୟ ହେଉ କି ଶିକ୍ଷା ଓ ମନୋରଞ୍ଜନ, କୃଷିର ବିକାଶ ହେଉ କି ପୁସ୍ତକ ପ୍ରକାଶନ ପ୍ରତିଟି କ୍ଷେତ୍ରରେ ବିଜ୍ଞାନ ବିନା ଆମେ ଅଧୁରା। ପ୍ରାକୃତିକ ଦୁର୍ବିପାକ ସମୟରେ ସହାୟତା ମହାକାଶ ଗବେଷଣା ମଧ ବିଜ୍ଞାନ ବିନା ସମ୍ଭବ ନୁହଁ। ଗୋଟିଏ ଶବ୍ଦରେ କହିବାକୁ ଗଲେ ଆଜିର ଯୁଗ ହେଉଛି ବିଜ୍ଞାନର ଯୁଗ। ଆଧୁନିକ ବିଜ୍ଞାନ ଜନ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରୁଛି। ପ୍ରେମିକ ଯେମିତି ପ୍ରେମିକା ବିନା ଅଧୁରା ବିଜ୍ଞାନ ବିନା ବର୍ତ୍ତମାନର ମଣିଷ ମଧ୍ୟ ସେମିତି କୋମାରେ ଥିବା ଜୀବନ ସଦୃଶ।

ଆଜି ଭାରତ ବିଜ୍ଞାନରେ ବହୁ ଆଗରେ। ମାତ୍ର ସାଧାରଣ ଜନତା ବିଜ୍ଞାନର ପ୍ରତିଟି ଦିଗ ଉପରେ ଆଜିବି ଅଜ୍ଞ। ସେମାନଙ୍କୁ ବିଜ୍ଞାନର ଛୋଟ ମୋଟ ସବୁ ଜିନିଷ ସହଜ ଏବଂ ସାବଲୀଳ ଭାଷାରେ ଜାଣିବାର ଆବଶ୍ୟକା ରହିଛି। ତେବେ ଯାଇ ସେମାନେ ବିଜ୍ଞାନର ଉପକାରିତା ଏବଂ ଅପକାରିତା କୁ ଠିକ୍ ସେ ଜାଣି ନିଜ ଜୀବନରେ ବ୍ୟବହାର କରିପାରିବେ। ଏଥିପାଇଁ ରେଡିଓ, ଟେଲିଭିଜନ, ସମ୍ବାଦ ପତ୍ର ଗୁଡ଼ିକରେ ଅଧିକରୁ ଅଧିକ ବିଜ୍ଞାନ ଧର୍ମୀ ଲେଖା, କାର୍ଯ୍ୟକ୍ରମ ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି।

ବିଜ୍ଞାନ ଆମର ବହୁ ଉପକାର ସାଧନ କରେ। ତା ସହ ମାନବ ବିଜ୍ଞାନର ଦୁରୁପଯୋଗ କରି ବିପଦକୁ ଡାକି ଆଣିଥାଏ।ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ କଥା ହେଉ କି ଆଜିର ଋଷ ୟୁକ୍ରେନ ଯୁଦ୍ଧ କଥା ହେଉ। ବିଜ୍ଞାନକୁ ମାନବର କଲ୍ୟାଣ ସାଧନ କାର୍ଯ୍ୟରେ ବ୍ୟବହାର କରାଯିବା ଉଚିତ୍।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଜଗତ କଲ୍ୟାଣ ହେଉ ହିଁ ଆମର

### ପ୍ରଶାନ୍ତ କୁମାର ରାଉଳ

ଶୀତ ଚାଲିଗଲା ମଳୟ ବହିଲା
ବସନ୍ତ ଛୁଇଁଲା ଧରା
ବଉଳ ବାସିଲା କୋଇଲି ହସିଲା
ହୋଇନି ଟାଣୁଆ ଖରା,
ଜାଗର ଆସେ ଉଲ୍ଲାସ ରାସେ
ଭକତେ କରି ବାଉଳା।

ଏ କାଳେ ପାଳନ୍ତି ଲୋକେ ଶିବରାତ୍ରି
ରାତି ଉଜାଗର ରହି
ଜୟ 'ଶିବ ଶମ୍ଭୁ' ଘଣ୍ଟ ବାଦ୍ୟ ନାଦେ
ଉଚ୍ଛୁଳେ ଆନନ୍ଦେ ମହୀ।
କାହିଁ ବସେ ମେଳା ହୁଏ ଯାନି ଯାତ
ନାଚ ଗୀତ ହୁଏ କାହିଁ,
ଶିବ ଭକତଙ୍କ ବନ୍ଦନା ସ୍ତୋତ୍ର
ଭକ୍ତିମୟ କରେ ମହୀ।

ମନ୍ଦିରେ ଆରତି ପୂଜା ନୈବେଦ୍ୟ
ଜଳେ ଅଖଣ୍ଡ ପ୍ରଦୀପ
ପ୍ରାର୍ଥନା କରଇ ଭକତ କହଇ
ପ୍ରଭୁ, କରି ଦିଅ ମୋତେ ଧୂପ।
ଧୂପ ପରି ମୁହିଁ ଜଳି ସରି ଯିବି
ଜଗତର ହିତ ପାଇଁ
ତୁମରି ହୋଇ ମୁଁ ସଦା ରହି ଥିବି
ତୁମରି ଶରଣ ନେଇ।

ତୁମ ପୂଜା ଫୁଲ ତୁମ ଧୂପ ଦୀପ
ତୁମକୁ ଦେଉଛି ପ୍ରଭୁ
ନ ଜାଣେ ଭକତି କରୁଛି ମିନତି
ଜଗତର ଦୁଃଖ ଲିଭୁ।

ମଣିଷ ଭିତରେ ଦେବତା ଅଛନ୍ତି
ମଣିଷକୁ ପାଇ ଭଲ,
ପ୍ରେମରେ ବାନ୍ଧିବି ଅଖିଳ ସଂସାର
ଦିଅ ମୋତେ ଏହି ବର।
ସବୁ ରାତ୍ରି ମୋର ଶିବ ରାତ୍ରି ପରି
କରି ଦିଅ ଆହେ ପ୍ରଭୁ,
ଜଗତ କଲ୍ୟାଣ ହେଉ ହିଁ ଆମର
ପୂଜା ପ୍ରାର୍ଥନା ସବୁ।

ସା-ଭଞ୍ଜକଲୋନି,
ନୂଆବଜାର, ଜଲେଶ୍ୱର
ବାଲେଶ୍ୱର,
ମୋ-୮୧୪୪୮୬୪୫୮୪

## ମଜବୁତ୍ ଛାତିର ମଣିଷ

### କସ୍ତୁରୀ ଚରଣ ରାଉତ

ଭୋକ ନିଆଁରେ
ଆଉଟୁପାଉଟୁ ହେଇ ଜଳିଥିଲେ ବି
ଶୃଙ୍ଖଳା ବାଲିରେ ଦରମଲା ଚେରକୁ
ଛାତିର ରକ୍ତରେ ଭିଜେଇ
ବଞ୍ଚେଇ ରଖିବାର ଚେଷ୍ଟା କରିଛ।

ଅନେକ ରକ୍ତକ୍ଷରଣକୁ
ଛାତି ଭିତରେ ଚାପିରଖି
ଦେହସୁହା ଦୁଃଖରେ
ଉପରେ ଉପରେ ହସିଛ।

ମନ୍ତ୍ରସିଦ୍ଧ ଆସକ୍ତିକୁ ମୁଠେଇ ଧରି
ଅତିକ୍ରମ କରିଛ ଦୁସ୍ତର ଦୀର୍ଘପଥ
ଲୁଣମରା ମାଟିକାନ୍ଥ ପରି
ଆଉ କେତେଦିନ ଠିଆହୋଇ
ରହିପାରିଥାନ୍ତ..ବାପା..
ନହକା କ୍ଷେତର ଉର୍ବର ନିଃଶ୍ୱାସରେ
ଥରିଯାଇଛି ତମର ପାହାଡ଼ ପରି
ମଜବୁତ୍ ଛାତିଟା
ମରିଯାଇଛି ମନର ସରସତା
ସ୍ମୃତିଦଗ୍ଧ ଅଶାନ୍ତ ନିଆଁରେ
ଜଳିପୋଡ଼ି ଯାଇଛି ସଞ୍ଚିତ ସପନ
ଭୋଗିବାକୁ ପଡ଼ିଛି
ଅୟୁତ ଜନ୍ମର ବନବାସ
ଶୂନଶାନ କିଆରିର ମାଟିଗଦା ପରି
ସେମିତି ପଡ଼ିରହିଛ କାଳକାଳ।

ତୁମେ କେବଳ
ନିରୋଳା ଶବ୍ଦଟିଏ ନୁହଁ ବାପା..
ତୁମେ ମଜବୁତ୍ ଛାତିର ମଣିଷ
ସେଠି ନାହିଁ ହାଡ଼ମାଂସର ସହର
ଅଛି ଖାଲି ଖରା ବର୍ଷା ଶୀତକୁ ସହିବାର
ଗଦା ଗଦା ପଥର
ସବୁ ସଙ୍କଟରେ ସାହସ ଯୋଗେଇ
ଜୀଇଁବାର ଖୋରାକ।

କିଏ କହୁ କି ନ କହୁ
ଘର ପରିବାର ସମସ୍ତଙ୍କର
ସବୁ ଇଚ୍ଛାକୁ ପୂରଣ କରି
ନିଜ ପାଦରେ ଥିବା ଛିଣ୍ଡା ଚପଲ
ଛାତିରେ ବୋତାମ ନଥିବା ଜାମାକୁ
ନଜର ଅନ୍ଦାଜ କରି
ଚାଲିଛ ଅନ୍ୟର ଖୁସିପାଇଁ
ମଥାନ ଉପରେ ଧୂ ଧୂ ସୂର୍ଯ୍ୟକୁ
ବେଖାତିର କରି
ମାଛରଙ୍କାର ଡେଣାରେ ଉଡ଼ିଛ
ହାତ ପାଆନ୍ତାର ଖୁସିକୁ ଛୁଉଁ ଛୁଉଁ
ଦୂରେଇଯାଇଛ ଅଜାଣତରେ
ଯୋଜନ ଯୋଜନ ଦୂରକୁ।

♥ ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ
ମୋ:୮୯୧୭୩୯୭୩୪୮



## ବେଳ ଗଡିଯାଏ....

### ପ୍ରମୋଦ କୁମାର ମହାପାତ୍ର

ବେଳ ଗଡିଯାଏ,
ଯିବାକୁ ଅଛି ବହୁଦୂର..
ବାଟୋଇ ଭାଇ,
କର କିଆଁ ଉଛୁର,
ହୁଅ ବାରେ ତରବର..
ବେଳ ଗଡିଯାଏ,
ଯିବାକୁ ଅଛି ବହୁଦୂର..

ଦୁନିଆଁର ବଜାରରେ
ଯେତେ କିଣା ବିକା
ଦେବୁ ନେବୁ ନିକିତିରେ - ହିସାବ
ଥାଉ ପକ୍କା,
ଦିନ ଥାଉ ଥାଉ ଭାଇ
ସାରିଦିଅ କାରବାର..
ବେଳ ଗଡିଯାଏ,
ଯିବାକୁ ଅଛି ବହୁଦୂର..

ଜନମ ଲଭିଛୁ ଯେବେ କର୍ମ କରିଯାଅ
ପାପପୁଣ୍ୟ ଧ୍ୟାନ ରଖି ଫଳ ଭୁଲିଯାଅ,
ହସ ଖୁସି ବାଣ୍ଟି ବାଣ୍ଟି
ଭରିଦିଅ ଏ ସଂସାର
ବେଳ ଗଡିଯାଏ,
ଯିବାକୁ ଅଛି ବହୁଦୂର..

ଜୀବନ ଅଟଇ ଛାର ପଦ୍ମପତ୍ର ନୀର
ଝଲକାଏ ପବନରେ
ସଦା ଯେ ଅସ୍ଥିର,
ଭୁଲା ମନ ଜାଣିକିରେ
ଭୂଲୁ କାହିଁ ବାରମ୍ବାର
ବେଳ ଗଡିଯାଏ,
ଯିବାକୁ ଅଛି ବହୁଦୂର..

ଅସରା ଏ ଚଲାପଥ ଏକେଲା ପଥିକ
ଦିଗନ୍ତ ବିସ୍ତାରି ଜଳେ
ଅଜଣା ନାବିକ,
ଅନ୍ଧାରି ଆକାଶ ତାରା
ଚମକାଏ ନିରନ୍ତର,
ବେଳ ଗଡିଯାଏ,
ଯିବାକୁ ଅଛି ବହୁଦୂର..

♥ ଭାରତ ସଂଚାର ନିଗମ ଲି,
ଭୁବନେଶ୍ୱର,
ମୋ ୯୪୩୭୫୬୭୮୩୧୧

## ଉଞ୍ଚା ପର୍ବତ ରେ ନାଚୁଛି ଶବରୀ

### ହରିଶ୍ଚନ୍ଦ୍ର ବେହେରା



ଉଞ୍ଚା ପର୍ବତ ରେ ନାଚୁଛି ଶବରୀ
ଗଳାରେ ଗୁଞ୍ଜରା ମାଳି
ଖୋଷାରେ ଖୋସିଛି ମୟୂର ଚୂଳ ଲୋ
ଛମ୍ ଛମ୍ ଜାମୁଡାଳି ।୦।

କେଉଁ ପ୍ରିୟତମ ଆସିବ କେଜାଣି
ଶୁଶୁମ୍ନା ନଈ ପହଂରି
ବଣ ଫୁଲ ତୋଳି ସଜେଇ ଦେଇଛି
ପତ୍ର କୁଡ଼ିଆ ତାହାରି
କେତେ ରାତି ଉଜାଗରେ ବିତେଇଛି
ହୃଦୟ ଦୁଆର ଖୋଲି ।୧।

ଝରଣା ର ମିଠା କୁଳୁ ତା' କଣ୍ଠରେ
ଦେଇଛି ରାଗିଣୀ ଭରି
ସକାଳ ସଂଜରେ ପକ୍ଷୀଙ୍କ କାକଳି
ମନରେ ତୋଳନ୍ତି ଲୋରୀ
କୋଇଲି ର କୁହୁ ଶୁଣିଦେଲେ ଥରେ
ଯାଏ ସେ ପୂରା ବଉଳି ।୨।

ବାଛି ବାଛି ମିଠା କୋଳି ସାଇତିଛି
ଆସିବେ ପ୍ରିୟ ନାଗର
ଲତା ଆଢୁଆଳେ ଅଚିହ୍ନା ପକ୍ଷୀଟି
ଡାକୁଅଛି ବାରବାର ।


♥ କଲ୍ୟାଣ ନଗର,
ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮


## ଭାରି ରାଗହୁଏ

### ବୃନ୍ଦାବନ ଦାସ



କିଛି ବଦଳିନ !
ଖାଲି ମିଛରେ
ରଇତ ଜମିଦାରର ବିଭେଦକୁ ଫିଙ୍ଗିଦିଅ
ଭାଷଣରେ ରାଜନୀତିରେ ସାହିତ୍ୟରେ
ଦେଶସେବାରେ
ମିଛେ ମିଛେ
ସଚ୍ଚା ମଣିଷର ରୂପ ରଖୁଥାଅ
ଆମ ଆଖି ସାମ୍ନାରେ ।

ଦୀର୍ଘଯାତ୍ରାରେ
ବେଶ୍ ବୁଝିଛି ତମ ଛଦ୍ମ ବେଶକୁ
ତମ ସାଆନ୍ତ ମତଲବକୁ
ତମେ ବି ମତେ...
କେଉଁ ଈଶ୍ୱର କାଳେ ମତେ ସୃଜିଲେ
ତାଙ୍କ ପାଦରୁ
ତମେସବୁ ମୁଖରୁ ବାହୁରୁ ଜାନୁରୁ ।

ବିଚରା ଈଶ୍ୱର !
ଚିରକାଳ
ମୋ ଅଭିମାନ ଶ୍ଳେଷ ଅବସୋସ ନିଜତ୍ୱକୁ
ପ୍ରତ୍ୟର୍ପଣ କରିଦେଲେ ତମ ପାଦତଳେ
ମୁଁ ଦାସାନୁଦାସ
ଲାଖି ରହିଲି ତମ ମନର ଅଳିଆ ଗଦାରେ ।

କାହିଁ କେତେ କାଳରୁ
ଘାଣ୍ଟିହେଲି ଅନ୍ଧାରି ନର୍କରେ ନର୍ଦ୍ଦମାରେ
ଭୋଗେଇଲ ତମେ
ମୋ ଦେହକୁ ରାସ୍ତାକରି
ଚାଲିଲ ଯେ ଚାଲିଲ
ବଦଳିଲନି
ମୋ ଟିକେ ଉତ୍ଥାନରେ ତମ ଆଖିରୁ ଝରୁଛି
ତଥାପି ରକ୍ତର ଝୁଲ ।

ଏବେ ସାହସ ବାନ୍ଧିଲିଣି ମନରେ
ତମ ଛଳନାକୁ ଜବାବ ଦେବାକୁ,
ଯୁଗ ଯୁଗର ବେଡି ଛିଣ୍ଡେଇଲିଣି ପାଦରୁ
ସବୁହିଁ ମତେ କରିବାକୁ ହେବ
ତମ ମିଛ ଆହାଃକୁ ପ୍ରହାର ଦେବାକୁ
ଏବେ ମୁଁ
ଯୋଦ୍ଧା ହେବାକୁ ନିଜକୁ ବାଧ କଲିଣି ।

ତମେ କଣ ସହଜରେ ବାଟ ଛାଡିଦେବ !
ସହସ୍ର ବର୍ଷର ପୀଡା ଭୋକ ଅପମାନ
ଘୃଣ୍ୟ ଅପାଙ୍କ୍ତେୟତା
ତା' ଅସହ୍ୟ ଜଳାପୋଡା ଏବେ ବି ସହୁଛି
ତେଣୁ ଧସେଇ ପଶୁଛି ତମ ଭିତରେ
ସବୁ ଜୋର୍‌କୁ ଏକଜୁଟ କରି ।

ହେଇ, କେଉଁଠୁ ଭାସି ଆସୁଛି ବଂଶୀର ସ୍ୱନ
ମତେ ଉସକେଉଛି ସେ
କାହିଁ କେତେକାଳୁ ପୁଞ୍ଜିଭୂତ
କ୍ରୋଧ ହିଁ ମୋର କୃପାଣ
ସମୟକୁ ପିଠିକରି ଚାଲିଲି ମୁଁ ଛେଦିବାକୁ
ତମ ଅହଂକୁ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
ମୋ - ୯୭୭୭୮୪୩୦୩୧


## ବାସନ୍ତୀକୁ ମୋର ଖୋଜୁଥିଲି ସାରା ଦିନ ...

### ତାରାପ୍ରସାଦ ଜେନା



ମଧୁ ବସନ୍ତରେ ବାସନ୍ତୀକୁ ମୋର ଖୋଜୁଥିଲି ସାରା ଦିନ
ଭେଟିଥିଲେ କିଏ କହିଦିଅ ମୋତେ ବୁଝିଯା'ନ୍ତା ଏଇ ମନ
ମଧୁ ବସନ୍ତରେ ବାସନ୍ତୀକୁ ମୋର.... ।

ମୃଦୁ ମଳୟରେ ପତ୍ର ମର୍ମରରେ କାନେଇଲି ଗୋରୀ ପାଦ
ଛାଇନିଦ ପରି ସପନରେ ଚାହିଁ ପାଉନାହିଁ କିଛି ଭେଦ,
ହତ ଚକିତକୁ ପାଇ ପାଇଲିନି ଆହା ଆଶା ପ୍ରେମ ଧନ
ମଧୁ ବସନ୍ତରେ ବାସନ୍ତୀକୁ ମୋର.... ।

ଝରା ବଉଳରେ ଭୁରୁ ଭୁରୁ ବାସ୍ନା, ଫଗୁଣର ଫଗୁ ରଙ୍ଗ
ପାଟ ପତନିର ବଧୂ ଅନୁପମା ଜୀବନକୁ କଲା ବ୍ୟଙ୍ଗ,
ଖିଆ ଭୁଲିଲିଣି, ହିଆ ଦୁଲୁକୁଛି ଯାହା ତାର ଗୁଣ ଗାନ
ମଧୁ ବସନ୍ତରେ ବାସନ୍ତୀକୁ ମୋର.... ।

ମିଠା ଫଗୁଣଟା ଲୁହ ଶ୍ରାବଣରେ ବଳିଗଲା ଏତେ ପୀଡ଼ା
ଅଭିସାର ମୋର ବଡ଼ ହୋଇଯାଏ ଭାଙ୍ଗିଲୁନି ମାନ ବ୍ରୀଡ଼ା,
ମନ ଆକାଶର ପୂର୍ଣ୍ଣ ଇନ୍ଦୁ ତୁଲୋ ବାହ୍ୟ ଉହ୍ୟ ଯେତେ ଜ୍ଞାନ
ମଧୁ ବସନ୍ତରେ ବାସନ୍ତୀକୁ ମୋର.... ।


♥ ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ମୋ: ୯୩୪୮୦୫୪୩୦୦


## ପଳାଶ

### ସୁଧୀର କୁମାର ପଣ୍ଡା

ତରୁଣ ଅରୁଣ ରଙ୍ଗ ନେଇ ତୁମେ ସହିପାର ଡହଡହ ଖରା
ଯେମିତିକି ତୁମ କୋମଳ ହୃଦୟେ ଭରିଅଛ ସ୍ମୃତି ଅପାସୋରା ।
ବସନ୍ତ ଋତୁର ଆବାହନ କରି ପ୍ରସ୍ଫୁଟିତ ନଗରେ ପ୍ରାନ୍ତରେ
ଟହଟହ ନିଆଁ ପରି ଦେଖାଯାଅ ପ୍ରଲମ୍ବିତ ଫାଙ୍କା ଦିପହରେ ।

ସୁରମ୍ୟ ସୁଲଭ୍ୟ ସୁଗନ୍ଧକୁ ତୁମେ କରିଦେଇ ପାର ପ୍ରତ୍ୟାଖ୍ୟାନ
ସୁବାସ ବିହୀନ ଫୁଲଟିଏ ବୋଲି ଉଣା ନାହିଁ ତୁମ ସନମାନ
ଅତର ଇତର ଅବା ରମଣୀର ଗଭାଦେଶେ ନ ହୁଅ ମଣ୍ଡନ
କିହେବ ଏ ସବୁ ଯାହାର ପରାଣ ଲୋଡୁଥାଏ ଶିବଙ୍କ ମଥାନ ।


ପବିତ୍ର ଏ ଯଷ୍ଟି ଯାର ଲୋଡା ହୁଏ ବ୍ରହ୍ମଚାରୀ ବ୍ରତୋପନୟନେ
କାଷ୍ଠଟି ଯାହାର ବ୍ୟବହାର ହୁଏ ପାତ୍ରରୂପେ ଯଜ୍ଞ ଅନୁଷ୍ଠାନେ
ସର୍ବାଙ୍ଗେ ଯାହାର ଥାଏ ଭରପୂର ଔଷଧୀୟ ଭାବ ବଇଭବ
ଉପଶମ କରେ କିସମ କିସମ ମାନବର ରୋଗ ବଇରାଗ ।

ଶୁକ ଚଞ୍ଚୁ କାୟା, ନାରଙ୍ଗୀ ରଙ୍ଗରେ ମନୋହର ରଙ୍ଗର ବିଳାସ
ବ୍ରହ୍ମା ଆଉ ଲକ୍ଷ୍ମୀ ଯା ଡାଳେ ଆବାସ ଆଦରର ପୁଷ୍ପ ଏ ପଳାଶ ।


♥ ବ୍ରହ୍ମପୁର,
ମୋ: ୯୩୪୭୭୮୨୯୧୨


## ମନେ ପଡିଲେ କ'ଣ କରିବି ଯେ

### ଭରତ ଚନ୍ଦ୍ର ଦାଶ



ସମସ୍ତେ ଭୁଲିଗଲେ ମୋତେ
ମୋ ପ୍ରୀତି
ପ୍ରଥମେ ଭୁଲିଛି
ଏକାନ୍ତରେ
ରହି କେଉଁ
ଭିନ୍ନ ଇଲାକାରେ
ସହରର ନାମ ଗୋତ୍ର ହୀନ
ଏକ ସଂକୀର୍ଣ୍ଣ ବସ୍ତିରେ ।

ମୁଁ ଏଠି ଜଳୁଛି ଏକ
ଶୁଷ୍କ ପର୍ଣ୍ଣ କୁଡିଆରେ
ନା ମେଣ୍ଟୁଛି ତୃଷା
ନା ମିଳୁଛି ପ୍ରେମ
କେବଳ ବିରହ
ତଣ୍ଟି ଚିପି
ବଞ୍ଚିବାର କଳା
ଦେଖେ ଅହରହ ।

ମନେ ପଡିଲେ
କ'ଣ କରିବି ଯେ
ନା ଦେଖିପାରୁଛି
ନା ପ୍ରୀତି ଦେଖା ଦେଉଛି
ଏବେ ତ ନିଦ
ହଜିଛି ଆଖିରୁ
ସ୍ୱପ୍ନ ହଜିଛି ମନରୁ
କେବଳ ରାତି ହିଁ ତ
ବିରହ ଯନ୍ତ୍ରଣାର
ପ୍ରତ୍ୟକ୍ଷଦର୍ଶୀ
ସେ ନିରବରେ ସବୁ ସହେ
କହିବାକୁ ତୁଣ୍ଡ ଖୋଲେନି
ତନ୍ଦ୍ରାଳଶ ଆଖି ହିଁ
କଥାକହେ ମନର ପ୍ରାଣର
ବିବେକର ହୃଦୟରେ
ଯେଉଁଠି ଲେଖାଥାଏ
ପ୍ରେମର ଅଢେଇ ଅକ୍ଷର
ମହାନିର୍ବାଣର ମନ୍ତ୍ର ।

ଚେତନାକୁ
ଉତ୍ତରୀତ କରେ ପ୍ରେମ
ନର୍କକୁ ସ୍ୱର୍ଗର ସୁଗନ୍ଧ ଦିଏ
ପଶୁତ୍ୱ ଆପଣାଛାଏଁ
ଅପସରିଯାଏ ଅଦୃଶ୍ୟକୁ
ମିଳନର ଶାହାନାଇରେ
ଅମୃତଭାଣ୍ଡ ଧରି
ଉହ୍ଲାଇ ଆସନ୍ତି
ସମ୍ମୋହନ ଶକ୍ତି
ମୃତ୍ୟୁ ତାଫର କାହିଁ ଯେ
ସେ ଅମୃତର ଏକ
ଦିବ୍ୟ ଭବ୍ୟ ମାହେନ୍ଦ୍ର ମୁହୂର୍ତ୍ତ ।


♥
ମାର୍କୋଣା, ବାଲେଶ୍ୱର-
୭୫୬୧୨୬
ମୋ: ୯୪୩୭୩୭୨୧୬୬


## ଅପହୃତ ବସନ୍ତ

### ଗିରିଧାରୀ ପଣ୍ଡା



ଅଛନ୍ତି ହଳଧର
ଅଛନ୍ତି କଳା ଠାକୁର
ଶୀତ ଆଉ ଗ୍ରୀଷ୍ମର
ମଝିରେ ଆସୀନ ବସନ୍ତକୁ
କେଉଁ ଦୃଷ୍ଟ ପୀଡ଼ିତ କରିଛି ?
ପତ୍ରର ସବୁଜିମାରେ
ଧୂଳୀର ପଟଳ ଲେପି
ବିଭସ୍ତ କରିଛି ?
ରୂପର ସୁନ୍ଦର ଶୋଭା
ମଉଳି ଯାଇଛି ।

ମିଳୁ ନାହିଁ ବସନ୍ତରାଜ !
ମଳୟ ପରଶ
ଧୂଳୀର ଓ ଧୂଆଁ ରେ ସବୁ ପ୍ରଦୂଷିତ
ଦୁଃସହ ହୁଆଇ ଶ୍ୱାସ ଓ ପ୍ରଶ୍ୱାସ
ହେ ଜଗତର ଚୋଖା ଚୋଖା
ମୁଣ୍ଡିଆଳମାନେ
ଦେଖାଅନି ଆଉ ତୁମ
ବିଭସ୍ତ ଚାତୁରୀ
ଜଗତର ସର୍ଜନାକୁ
ସ୍ୱଚ୍ଛତା ଓ ସନ୍ତୁଳନତାକୁ
ଧୂଳୀସାତ୍ କରି
ଦେଖାଅନି ନିଜ ବାହାଦୂରୀ ।
ଆମ ଚାରୁମୁଖୀ ବସନ୍ତକୁ
ଆମ ହସ୍ତେ ପ୍ରତ୍ୟାର୍ପଣ କର
ମହାପ୍ରଳୟର କବଳରୁ
ଆମ ଏ ଧରାକୁ ଅଚିରେ ଉଦ୍ଧର ।


♥ ଜଟଣୀ, ଖୋର୍ଦ୍ଧା
ମୋ: ୭୮୫୫୯୩୬୪୬୪


## ନାରୀ

### ସାଗରିକା ସାହୁ

ଆମ ପାଇଁ ଖୁସିରେ ବିଭୋର
ହେବା
ଏବଂ ଦୁଃଖରେ ପଥର
ପାଲଟିଯିବା
ଏବେ ଏକା ଭଳି ଲାଗୁଛି ।


କଣ ଆମ ଜନ୍ମ ପାପୀଙ୍କ
ଶୋଷର ଲାଳସା
ମେଣ୍ଟାଇବା ପାଇଁ ?
ନା ଯୌତୁକ ନିଆଁରେ ଜଳୁଥିବା
ସେଇ ହତ୍ୟାକାରୀଙ୍କ ପାଇଁ ?

କେବେ ବୁଝିବାକୁ
ଟିକେ ଚେଷ୍ଟା କରିଛ
ଆମ ଭୟ ଜର୍ଜରିତ ମନକୁ ?

କେବେ ଦେଖିଛ ନିର୍ଭୟରେ ବାଟ
ଚାଲୁଥିବା
ଅଗଣିତ ନାରୀଙ୍କ ଭିଡ଼କୁ ?
ଓ
ଭାଇର ହସ୍ତରେ ରକ୍ଷାର ସୂତାଟି
ବାନ୍ଧୁଥିବା ସେଇ
ନିରୀହ ହାତକୁ ?

ଶିଶୁଟିକୁ ଜନ୍ମ ଦେଇଥିବା ମାଆ
କେବଳ ଜଣେ ନାରୀ !
ଜାଣିଛ ?
ନାରୀର ଜନ୍ମ ପ
ାପୀର ବିନାଶ ପାଇଁ !
ଯେପରିକି ଦୁଷ୍ଟ ମହିଷାସୁରର
ବଧ ପାଇଁ
ଜଗତଜନନୀ ମା ଦୁର୍ଗାଙ୍କ
ଆବିର୍ଭାବ ଏ ଧରାରେ । !!


♥ ଉଦ୍ଭିଦବିଜ୍ଞାନ(ସ୍ନାତକ
ପ୍ରଥମବର୍ଷ)
ନୂଆସୁଙ୍ଗୁଡା,
ଚଣ୍ଡିଖୋଲ, ଯାଜପୁର
(ମୋ) ୬୩୭୦୧୯୯୦୨୭

## ସେଇ ସନ୍ଧ୍ୟା

### ସସ୍ମିତା ଜାମୁଦା

କିଛି ତ ଥିଲା ସେଇ ସନ୍ଧ୍ୟାରେ...
ନିଶାଶକ୍ତ ତୁମ ଚାହାଣୀ,
କୁହୁକ ଭରା ତୁମ କଥାରେ ।
ଖୋଲା ଆକାଶ ତଳେ,
ମନ ଖୋଜି ପାଇଥିଲା ଆପଣାର
ସାଥିଟିଏ ।

ଶୀତୁଆ ସନ୍ଧ୍ୟାର ବେଳାଭୂମୀରେ,
ତୁମ ସ୍ପର୍ଶରେ ଯେମିତି ଜୀବନ୍ତ
ହୋଇଉଠିଥିଲି ।
ତୁମ ବାହୁର ଉଷ୍ମତା ଭିତରେ
ହଜିଯିବା
ସତେ ଅବା ସ୍ୱପ୍ନ ଥିଲା କି ?
ବେଳାଭୂମୀର କୂଳେ, ହାତରେ
ହାତ ଛନ୍ଦି
ପାଦରେ ପାଦ ମିଶାଇ ଚାଲିବା,
ମାଡ଼ି ଆସୁଥିବା ଢ଼େଉରେ ଓଦା
ହେବା,
ସୂର୍ଯ୍ୟାସ୍ତ ଦେଖିବା,
ମନରେ ଦେଇଥିଲା ଆନନ୍ଦ ଭରି ।

ଓଠରେ ଥିଲା ମନର କଥା ।
ମାନ ଅଭିମାନର କୁହୁଡ଼ି ତଳେ,
ଦୁଇ ପ୍ରେମୀଙ୍କ ମନ ଭିତରେ
ବହୁଥିଲା ପ୍ରଣୟର ଧାରା ।
କିଛି ମୁହୂର୍ତ୍ତ ପାଇଁ ହେଉ ପଛେ
କିଛି ତ ଥିଲା ସେଇ ସନ୍ଧ୍ୟାରେ...
ନିଶାଶକ୍ତ ତୁମ ଚାହାଣୀ,
କୁହୁକ ଭରା ତୁମ କଥାରେ ।


ପୋଖରୀପୁଟ, ଭୁବନେଶ୍ୱର
ମୋ: ୮୨୮୦୧୦୧୯୪୮


## ସୁନା ପୁଅ ପାଇଁ ପଦେ

### ଜୟଶ୍ରୀ ଦାସ



ଶଙ୍ଖାରୀରେ ସିନା କୁଆଁ ଡାକିଥିଲ
ଜନନୀ ପବିତ୍ର କୋଳେ
ସାରା ଦୁନିଆର ସାହିତ୍ୟ ସମାଜ
ନମେ ତୁମ ପାଦ ତଳେ

ଅଧ୍ୟାପନା ବୃକ୍ଷେ ସାହିତ୍ୟର ଲତା
ଫୁଟେ ଆଧ୍ୟାତ୍ମିକ ଫୁଲ
ହେ ସାହିତ୍ୟ ରଥୀ ତୁମ ଲେଖନୀର
ନାହିଁ କାହିଁ ସମତୁଲ

ପାଠକ ସାଉଁଟେ ଖୋଜି ଖୋଜି
ଲେଖା
ଛୁଇଁଲେ ନପାରେ ଛାଡି

କାହିଁ ଲୁଚିଗଲ ସାହିତ୍ୟ ରଥୀ ହେ
ଆମ ସ୍ନେହ ପ୍ରେମ ଏଡି

ଧୂମ୍ରାଭ ଦିଗନ୍ତେ ବୁଲ୍ ଡୋଜର ଚାଲେ
ଆକାଶ ଇସାରା କରେ
ଶେଷ ତାନ୍ତ୍ରିକର ସନ୍ଧାନେ ପାଠକ
ଚାଲେ ଦୂର ଦୂରାନ୍ତରେ

ଲକ୍ଷ୍ମୀର ଅଭିସାର, ସୀତା ପାଇଁ ବର
କଥା କାହାଣୀର ଖଣି
ବିମୋହିତ କର ପାଠକ ସମାଜେ
ଶବ୍ଦ ଇନ୍ଦ୍ରଜାଲ ବୁଣି

ଝୁରୁଛି ଜନତା ଝୁରୁଛି ଏ ମାଟି
ତୁମକୁ ହରାଇ ଦେଇ
ଯୁଗେ ଯୁଗେ ଜନ୍ମ ନିଅ ହେ ମନୋଜ
ସାହିତ୍ୟ ଜଗତ ପାଇଁ

ଶବଦ ଜଗତ ଅଜେୟ ସମ୍ରାଟ
କାଳଜୟୀ ତୁମ କୃତି
କୋଟି ନମସ୍କାର ଘେନ ହେ
ମନୋଜ !
ଅଲିଭା ତୁମରି ସ୍ମୃତି ।


♥ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ,
ବାଲିଆପାଳ, ବାଲେଶ୍ୱର
ମୋ: ୯୩୩୭୪୩୦୯୦୩


## ଜୀବନ ଏମିତି

### ଶ୍ରୀ ଚନ୍ଦ୍ରଶେଖର ସାହୁ

ଜୀବନ ଏମିତି ଲମ୍ବା ବାଟଟିଏ ଚାଲିଲେ ବି ସରିବନି
ସଂପର୍କ ଯେମିତି ଖୋଲା ହୃଦୟଟେ ବୁଝି ବି ବୁଝି ହୁଏନି ।(୦)

ଛାତି ଭିତରର କବିତା ଶୁଣିଲେ ଆଗକୁ ହୁଏନି ଚାଲି
ସ୍ମୃତିରେ ସାଇତି ସପନକୁ ଆଜି କରିବା ନିଜର ଖାଲି
ଭାବନା ଏମିତି ଲମ୍ବା ସପନଟେ ଖୋଜିଲେବି ପାଇବାନି ।
ଜୀବନ ଏମିତି...(୧)

ନିଜ କଥା ସବୁ ଭାବିଲା ବେଳକୁ ପଛ କଥା ଯାଏ ଭୁଲି
ଛଳନାରେ କେବେ ଜୀବନ ହୁଏନି ବାଟ ଖାଲି ମରୁ ବାଲି
ସପନ ଏମିତି ଅବୁଝା ନିଦଟେ ପୂରଣ କେବେ ହୁଏନି ।
ଜୀବନ ଏମିତି...(୨)

ଜୀବନ ଏମିତି ଲମ୍ବା ବାଟଟିଏ ଚାଲିଲେ ବି ସରିବନି
ସଂପର୍କ ଯେମିତି ଖୋଲା ହୃଦୟଟେ ବୁଝି ବି ବୁଝି ହୁଏନି ।(୦)


♥ କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ- ୭୮୭୩୬୯୩୮୦୭


## ଫଗୁଣ

### ଦିନେଶ ମେହେର



ନୀଳ ପୃଥିବୀର ସବୁଜ ଗହ୍ୱର ମଧ୍ୟରୁ
ଧାଇଁ ଆସେ ପବନର ସାଥେ
ଫଗୁଣ ।
ମହକେଇବା ପାଇଁ ଦୁନିଆକୁ
ନିଜ ବାସ୍ନାରେ !
ସତେ କି,
ଖେଳେଇ ଦିଏ ଅଜଣା ଶିହରଣ
ଆଖିରେ, ମନରେ, ପ୍ରାଣରେ ।

ଫଗୁଣ,
କେବେ ମନରେ ଆଙ୍କି ଦିଏ
ଅନାମିକା ର ପ୍ରତିଛବି ତ
ଆଉ କେବେ ଦେଖେଇ ଦିଏ
ବାଦଲ ଛୁଆଁ ସପନ,
ନରମି ଯାଇଥିବା ଦୁଇ ଆଖି
ଖୋଜି ବୁଲେ
ହସ ଟିକେ ଏପାଖରୁ ସେପାଖକୁ !

ଫୁଲ ଫୁଟେ ଭମର ଚୁମେ
ଫେନିଳ ଯୋଉବନ ଚେଇଁ ଉଠେ
ଫଗୁଣ ସ୍ପର୍ଶରେ ନୂତନ ସମ୍ଭାବନା
ନେଇ;
ଭାବି ଦିଏ ଅନେକ ଭାବନା !
ରୋଶଣୀ ନେଇ
ସତେକି ଡାକି ଆଣିଯାଏ
ଅନାମିକାକୁ, କଣ୍ଢେଇ କନିଆଁ ସଜେଇ ।

ହେଇତ,
ଆଉ ଟିକେ ଦୂର ମାତ୍ର ସେ ଦିନକୁ,
ଅପେକ୍ଷା ତ କେବଳ
ଆଉ ଗୋଟେ ନୂଆଁ ସମ୍ଭାବନାକୁ !


♥ ଜୁନାଗଡ଼, କଳାହାଣ୍ଡି ।


## ଫୁଲେଇ ଫଗୁଣ

### ବାଉରିବନ୍ଧୁ ଲେଙ୍କା



ଫୁଲେଇ ଫଗୁଣ ଉଙ୍କି ମାରିଲାଣି
କୋଇଲି ହୁଅଇ ସଜ
ହଳଦୀ ବସନ୍ତ ତର ତର ହୋଇ
ବୁଣଇ ରଙ୍ଗ ମୁରୁଜ ?

ମଧୁପଙ୍କ ମନ ହୁଏ ଛନ୍ନ ଛନ୍ନ
କରିବାକୁ ମଧୁପାନ
କଳି ପାଶେ ମିଳି କରିଲେଣି ଅଳି
ତୋଳି ମଧୁର ଗୁଞ୍ଜନ ?

ବଉଳ ଭାରରେ ଆମ୍ରବୃକ୍ଷମାନେ
ଦିଶନ୍ତି କେଡେ ମଞ୍ଜୁଳ
କୋକିଳର ମନ ହେଲାଣି ଚଞ୍ଚଳ
ଚୁମିବାକୁ ସେ ବଉଳ ?


କୁମ୍ଭାଟୁଆ ମନ ହେଲାଣି ଉଚ୍ଚାଟ
କରିବାକୁ ସ୍ତବ ପାଠ
ଋତୁରାଜଙ୍କର ଆଗମନ ବେଳେ
ହୋଇବ ସେ ରାଜ-ଭାଟ ?

ଶୀତର ପ୍ରକୋପେ ବୃକ୍ଷମାନେ କୋପେ
ତ୍ୟାଗିଥିଲେ ପ୍ରୌଢ ପତ୍ର
ନବପତ୍ରୋଦ୍-ଗମ ହେଲାଣି ଆରମ୍ଭ
ଆସୁଛି ଜାଣି ବସନ୍ତ ?

ସରୋବର ଜଳ ଦିଶଇ ନିର୍ମଳ
ପଦ୍ମ କଳି ଟେକେ ଶିର
ଶିଶିରର ଡର ହୋଇଲାଣି ଦୂର
ଦେଖିବ ପ୍ରିୟ ଭାସ୍କର ?


ଦି ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର
ଭୁବନେଶ୍ୱର, (ମୋ) ୯୮୫୩୫୩୫୮୪୪

# ଫାଇଲ୍ ତଳେ ଅଟକିଛି ସାଇନ୍ସ ସେଣ୍ଟର



ଖଣ୍ଡପଡ଼ା, ୨୭/୦୨ (ନି.ପ୍ର): ଦିନ ପରେ ଦିନ ବିତୁଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁ ସାଇନ୍ସ ସେଣ୍ଟର ଶିଳାନ୍ୟାସକୁ ଚାରି ବର୍ଷ ପରେ ମଧ ମାଟି ମୁଠାଏ ପଡ଼ିନାହିଁ। ମହାନ ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ା ସହରାଞ୍ଚଳ ନିକଟରେ ଏକ ବିଜ୍ଞାନକେନ୍ଦ୍ର ସ୍ଥାପନ ନିମନ୍ତେ ତତ୍କାଳୀନ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ୨୦୧୯ ମସିହା ୨୮ ଡିସେମ୍ବର ଖଣ୍ଡପଡ଼ା ମହୋତ୍ସବ ଅବସରରେ ଘୋଷଣା କରିଥିଲେ। ତେବେ ମନ୍ତ୍ରୀଙ୍କ ଘୋଷଣାକୁ ପ୍ରାୟ ଚାରି ବର୍ଷ ପୂରିଥିଲେ ମଧ ଏଥି ନିମନ୍ତେ ମାଟି ମୁଠାଏ ମଧ ପଡ଼ିନଥିବା ସୂଚନା ମିଳିଛି।

ଗତବର୍ଷ ଏପ୍ରିଲ ମାସ ୩୦ ତାରିଖରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ଉକ୍ତ ଜାଗା ପରିଦର୍ଶନ କରିଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସ୍ଥାନୀୟ ଅଧିବାସୀଙ୍କୁ ସୂଚନା ଦେଇଥିଲେ। ଏପରିକି ଆସନ୍ତା ୩୦ ମାସ ମଧ୍ୟରେ କାମ ସରିବ ବୋଲି ମଧ କହିଥିଲେ। ତେବେ ଏଯାବତ ଉକ୍ତ ପ୍ରକଳ୍ପ କାମ ଆରମ୍ଭ ହୋଇନଥିବା ବେଳେ କେବେ ଆରମ୍ଭ ହେବ ସେ ନେଇ ସୂଚନା ମଧ ମିଳିନାହିଁ। ଏନେଇ ଗତବର୍ଷ ଜୁନ ୨୬ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ସ୍ଥାନକୁ ଜବରଦଖଲ ମୁକ୍ତ କରିବାକୁ ଚିଠି କରାଯାଇଥିଲା। ବିଜ୍ଞାନ ଓ କାରିଗରୀ ବିଭାଗ ଅତିରିକ୍ତ ସଚିବ ସଞ୍ଜୁଲତା ବେହେରା ଜିଲ୍ଲା ପ୍ରଶାସନକୁ କରିଥିବା ଚିଠି ଅନୁଯାୟୀ, ସହରାଞ୍ଚଳରେ ନିର୍ମାଣ ହେବାକୁ ଥିବା ବିଜ୍ଞାନ କେନ୍ଦ୍ରର ୫ ଏକର ଜାଗାକୁ ଜବରଦଖଲମୁକ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟ ପକ୍ଷରେ, ସ୍ଥାନୀୟ ତହସିଲ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଜାଗାରେ ଅନେକ ଦୋକାନ ଘର ସହ ବହୁ ଜାଗା ବ୍ୟକ୍ତିଗତ ଜବରଦଖଲରେ ରହିଛି। ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀ ତହସିଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏ ଦିଗରେ କାର୍ଯ୍ୟ ଆଗେଇନଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ନୟାଗଡ଼ ଜିଲ୍ଲାର ଏକମାତ୍ର କେନ୍ଦ୍ର ଭାବେ ଖଣ୍ଡପଡ଼ା ସହରାଞ୍ଚଳର ୧୩ନଂ ୱାର୍ଡ ଅଧୀନ ପଠାଣି ସାମନ୍ତ ବ୍ୟାଖ୍ୟାନ କେନ୍ଦ୍ର ନିକଟରେ ଏହାକୁ ପ୍ରତିଷ୍ଠା କରିବା ପାଇଁ ପ୍ରଶାସନିକ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ପ୍ରକଳ୍ପ ପାଇଁ ପ୍ରାୟ ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ସାଢ଼େ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ ଏହି କେନ୍ଦ୍ର ଭୁବନେଶ୍ୱରସ୍ଥିତ ଇଡ୍‌କୋ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହେବ ବୋଲି ସେତେବେଳେ ସୂଚନା ମିଳିଥିଲା। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ସହ ସମୁଦାୟ ଏକବର୍ଷ ମଧ୍ୟରେ କାମ ସାରିବା ନେଇ ଲକ୍ଷ ମଧ ଧାର୍ଯ୍ୟ କରିଥିଲେ ରାଜ୍ୟ ସରକାର। ଜିଲ୍ଲା ବିଜ୍ଞାନକେନ୍ଦ୍ର ଯୋଜନାରେ ଏହି ସେଣ୍ଟର ନିର୍ମାଣ ହେବାକୁ ଥିବାବେଳେ ଏଠାରେ ସ୍ୱତନ୍ତ୍ର ବିଜ୍ଞାନ ଗ୍ୟାଲେରୀ, ଅତ୍ୟାଧୁନିକ ଲାବୋରାଟୋରି, ଶିକ୍ଷକମାନଙ୍କ ପାଇଁ ସମ୍ମିଳନୀ କକ୍ଷ ନିର୍ମାଣ ନେଇ ଡିଜାଇନ ପ୍ରସ୍ତୁତ ହୋଇଥିଲା।

ଖାଲି ସେତିକି ନୁହେଁ, ଉକ୍ତ ବିଜ୍ଞାନକେନ୍ଦ୍ରରେ ନିୟମିତ ବ୍ୟବଧାନରେ ତାଲିମ କାର୍ଯ୍ୟକ୍ରମ, ବିଜ୍ଞାନ କୁଇଜ ପ୍ରତିଯୋଗିତା ଓ ୱେବିନାର ଆଦି କାର୍ଯ୍ୟକ୍ରମ ହେବ ବୋଲି ସେତେବେଳେ ସୂଚନା ଦିଆଯାଇଥିଲା। ତେବେ ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ ପାଇଁ ଆଜି ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନଥିବାରୁ ଜିଲ୍ଲା ପ୍ରଶାସନ ତଥା ବିଜ୍ଞାନ ବିଭାଗ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଥିବା ଭଳି ମନେହେଉନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲା ପ୍ରଶାସନ ଉକ୍ତ ଜାଗାରେ ମନ୍ତ୍ରୀଙ୍କ ଘୋଷଣା ପୂର୍ବରୁ ପ୍ରାୟ ତିନିବର୍ଷ ତଳେ ୨୦୧୯ ମସିହା ମାର୍ଚ୍ଚ ୩ ତାରିଖରେ ଶିଳାନ୍ୟାସ ମଧ କରିଥିଲା। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରକଳ୍ପ ବାବଦରେ ସ୍ପଷ୍ଟ କରିବା ନେଇ ସାଧାରଣରେ ଦାବି ହୋଇଛି।

# ମୌଳିକ ସୁବିଧାରୁ ବଂଚିତ ଚାପୁଲପଡା ଗ୍ରାମବାସୀ

ମାଲକାନଗିରି, ୨୭/୦୨ (ନି.ପ୍ର): ଦେଶ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଏବେ ବି ମାଲକାନଗିରି ଜିଲ୍ଲାର ଅନେକ ଗ୍ରାମ ବିକାଶଠୁ ବହୁ ଦୂରରେ ରହିଛି। କେଉଁଠି ପାନୀୟ ଜଳ ସମସ୍ୟା ତ ଆଉ କେଉଁଠି ରାସ୍ତା ଘାଟ ନ ଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୁହା ହେଉଛି। ଲୋକେ ୧୦ରୁ ୧୫ କି.ମି. ଚାଲି ଚାଲି ରାଶନ ସାମଗ୍ରୀ ଓ ବାର୍ଦ୍ଧକ୍ୟ ଭତା ଆଣୁଥିବା ବେଳେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ସମସ୍ୟା ଭୋଗୁଛନ୍ତି। ସେହିପରି ଆବାସ, ଶିକ୍ଷା, ସ୍ୱାସ୍ଥ୍ୟସେବାରୁ ମଧ ବଂଚିତ ହେଉଛନ୍ତି। ଯାହାର ଏକ ଉଦାହରଣ ହେଉଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡା ପଂଚାୟତ ଅନ୍ତର୍ଗତ ଚାପୁଲପଡା ଗ୍ରାମ। ଚାପୁଲପଡ଼ା ଗ୍ରାମକୁ ପାହାଡିଆ ପଥୁରିଆ ବଣ ଜଙ୍ଗଲ ଦେଇ ପାଦଚଲା ରାସ୍ତାରେ ହିଁ ଯିବାକୁ ପଡ଼େ। ଏହି ରାଜସ୍ୱ ଗ୍ରାମର ୫ଟି ପଡାସାହିରେ ମୋଟ ୧୦୦ ପରିବାର ବସବାସ କରୁଛନ୍ତି। ଲୋକ ସଂଖ୍ୟା ୫୦୦ରୁ ଉର୍ଦ୍ଧ୍ୱ। ଗ୍ରାମରେ କାହାର ଦେହ ଖରାପ ହେଲେ କିମ୍ବା ଗର୍ଭବତୀଙ୍କ ପ୍ରସବ ଅସୁବିଧା ହେଲେ ଗୁଣିଆ ଏକମାତ୍ର ଭରସା। ସ୍ୱାସ୍ଥ୍ୟସେବା କହିଲେ ମାସକୁ ଥରେ ମାତ୍ର ସ୍ୱାସ୍ଥ୍ୟକର୍ମୀ ଗ୍ରାମକୁ ଆସିଥାନ୍ତି। ସେମାନେ ଆସିବା ବେଳେ ଯେଉଁ ଲୋକଙ୍କ ଦେହ ଖରାପ ଥିବ କିଛି ଔଷଧ ଦେଇ ପଳାଇଥାନ୍ତି। ସେହିପରି ଗର୍ଭବତୀ, କୋମଳମତି ଶିଶୁ ପୁଷ୍ଟିକର ଖାଦ୍ୟ ଓ ପ୍ରାକ୍ ଶିକ୍ଷା ଠିକ୍ ଭାବେ ପାଇ ପାରୁନାହାନ୍ତି। ଅଙ୍ଗନୱାଡି କର୍ମୀ ଦୁଇ ମାସରେ ଥରେ ଗାଁକୁ ଆସନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଶିଶୁ ଓ ଗର୍ଭବତୀଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ ଯାଉଛି କୁଆଡେ ? ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିବା କଷ୍ଟକର। ଗାଁକୁ ଯିବାକୁ ହେଲେ କ୍ଷମାଗୁରୁ ଠାରୁ ଛୋଟ ବଡ ନାଳ ଓ ପଥୁରିଆ ପାହାଡିଆ ରାସ୍ତା ପାର ହେବାକୁପଡ଼େ। ବର୍ଷାଦିନେ ଗ୍ରାମବାସୀ ନା କେଉଁଠିକୁ ଯାଇପାରିବେ ନା ଗ୍ରାମକୁ କେହି ଆସିପାରୁଛନ୍ତି। ମୌଳିକ ସୁବିଧା କହିଲେ ଅନେକ ବର୍ଷ ପୂର୍ବରୁ ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଛି, ଯାହାକି ବର୍ତମାନ ଅଚଳ ହୋଇପଡିଛି। ତେଣୁ ଝରଣା ପାଣି ଗ୍ରାମବାସୀଙ୍କ ଭରସା। ବର୍ଷାଦିନେ ଝରଣା ପାଣି ଦୂଷିତ ହେଲେ ମଧ ଅନ୍ୟ କୌଣସି ବିକଳ୍ପ ନାହିଁ। ତେଣୁ ବାଧ ହୋଇ ତାହାକୁ ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ରୋଗରେ ପଡୁଥିବା କୋହଭରା କଣ୍ଠରେ କହିଛନ୍ତି। ପୂର୍ବରୁ ଏହି ଅଂଚଳରେ ମାଓବାଦୀଙ୍କ ରାଜୁତି ଚାଲୁଥିବା କାରଣରୁ ବିକାଶ ହୋଇପାରୁ ନ ଥିଲା କିମ୍ବା ସରକାରୀ ବାବୁମାନଙ୍କ ପାଦ ପଡୁ ନଥିଲା। ତେବେ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ସୀମା ସୁରକ୍ଷା ବଳ ନିୟୋଜିତ ହେବା ପରେ ଆଉ ମାଓବାଦୀଙ୍କ ହିଂସା ଦେଖିବାକୁ ମିଳୁ ନ ଥିଲେ ମଧ ସରକାରୀ ବାବୁମାନଙ୍କ ପାଦ ପଡୁନାହିଁ। କେବଳ ଚାପୁଲପଡ଼ା ନୁହେଁ ଖଇରପୁଟ ବ୍ଲକ ଅଂଚଳରେ ଏପରି ଅନେକ ଗ୍ରାମ ଅଛି, ଯେଉଁଠି ଲୋକେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। କିନ୍ତୁ, ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ନିର୍ବାଚନ ଆସିଲେ ଗ୍ରାମରେ ମାଳ ମାଳ ନେତା ମନ୍ତ୍ରୀ କେବଳ ପ୍ରତିଶ୍ରୁତି ଦେଇଯାଆନ୍ତି। ଏହି ପ୍ରତିଶ୍ରୁତି ପରେ ପାଣିର ଗାର ପାଲଟିଯାଏ। ଏପରି ସ୍ଥିତିରେ ତୁରନ୍ତ ଏହି ଗ୍ରାମର ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ପିତଳରେ ପାନୀୟଜଳ ସଂକଟ

ଗଞ୍ଜାମ, ୨୭/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଶେରଗଡ ବ୍ଲକ ପିତଳ ଅଂଚଳରେ ପାନୀୟଜଳର ଘୋର ସଂକଟ ଦେଖା ଦେଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଂଗକୁ ପାଇପ ଜଳଯୋଗାଣ ମାସକୁ ପାଂଚରୁ ଛଅ ଦିନ ବନ୍ଦ ରହିବା ଫଳରେ ଜନସାଧାରଣ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିତଳ ବଜାର ହରିଜନ ଧୋବା ସାହିରେ ଏକ ପ୍ରକାଣ୍ଡ ପଥର କୂପ ଥିଲା। ଏହି କୂପଟି ଶତାଧିକ ପରିବାରର ଜଳ କଷ୍ଟ ଦୂର କରୁଥିଲା। ତେବେ ସ୍ଥାନୀୟ ଜନସାଧାରଣ ଜିଲାପ୍ରଶାସନ, ଶେରଗଡ ତହସିଲଦାର ଓ ବିଡିଓଙ୍କ ବାରଣ ସତ୍ତ୍ୱେ ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ମଳିକ ଜନସାଧାରଣଙ୍କ ପ୍ରତି ପ୍ରତାରଣା କରି ଏହି କୂପଟିକୁ ପୋତିଦେବା ପରେ ଜନସାଧାରଣଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି।

# ଦୁର୍ଘଟଣା ବଢ଼ାଉଛି ବେଆଇନ ପାର୍କିଂ: ମୃତ୍ୟୁଯନ୍ତା ପାଲଟିଛି ଜାତୀୟ ରାଜପଥ



ଧର୍ମଶାଳା , ୨୭/୦୨ (ନି.ପ୍ର): ମୃତ୍ୟୁଯନ୍ତା ପାଲଟିଛି ଚଣ୍ଡିଖୋଲ-ଭଦ୍ରକ ୧୬ନମ୍ବର ଜାତୀୟ ରାଜପଥ। ଗତ ୩ ମାସ ମଧ୍ୟରେ ୧୨ଟି ମୂଲ୍ୟବାନ ଜୀବନ ଗଲାଣି। ରାଜପଥ ଉପରେ ବେଆଇନ ପାର୍କିଂ। ଶହଶହ ଟ୍ରକ ମନଇଚ୍ଛା ଯେକୌଣସି ସ୍ଥାନରେ ପାର୍କିଂ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ରାଜପଥର ସ୍ଥାନେସ୍ଥାନେ ଠେଲାବାଲା ପଇଡ଼, ତରଭୁଜ ଆଦି ବେପାର କରୁଛନ୍ତି। ଓଭରବ୍ରିଜ୍ ଉପରେ ବି କବ୍‌ଜା କରିବାକୁ ପଛାଉ ନାହାନ୍ତି ଉଠା ଦୋକାନୀ। କିଏ ଆଖୁରସ ପେଡୁଛି ତ ଆଉ କିଏ ଫଳ ବିକୁଛି। ପରିସ୍ଥିତି ଏତେ ବିପଦସଙ୍କୁଳ ହେଲାଣି ଯେ କେତେବେଳେ କ’ଣ ଘଟିବ କହିହେବ ନାହିଁ। ଚକାଚକ୍ ରାଜପଥ ଉପରେ ଏବେ ଯେମିତି ମୃତ୍ୟୁ ଦୂତ ଗୋଡ଼ାଉଛି। ଏଭଳି ସ୍ଥିତିରେ ସ୍ଥାନୀୟ ପୁଲିସ୍ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉଦାସୀନତା ତଥା ଅଣଦେଖା ମନୋଭାବ ଯୋଗୁଁ ଦୁର୍ଘଟଣା ବଢ଼ିଚାଲିଥିବା ଅଭିଯୋଗ ହୋଇଛି।

ଗତକାଲି ନେଉଳପୁର ନିକଟ ସେଣ୍ଟ୍ରାଲ ବ୍ୟାଙ୍କ୍ ସାମ୍ନାରେ ଦୁର୍ଘଟଣା ଏହାର ଏକ ଦୃଷ୍ଟାନ୍ତ ମାତ୍ର। ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରକ୍ ପଛରେ ଏକ ଆଇଚର ଗାଡ଼ି ପିଟି ହେବାରୁ ୭ଜଣଙ୍କ ମୃତ୍ୟୁ ଘଟିଲା। ଦୁର୍ଘଟଣା ପରେ ଦୁଇଟି ଟ୍ରକ ରାଜପଥ ଉପରେ ୩ ଦିନ ଧରି ପଡ଼ିରହିଥିଲେ ବି ପୁଲିସ ପ୍ରଶାସନ ଆଖିବୁଜି ଦେଇଥିଲା। ୭ ଜଣଙ୍କ ମୃତ୍ୟୁ ପରେ ରାସ୍ତାରୁ ଗାଡ଼ିଗୁଡ଼ିକୁ ତୁରନ୍ତ ପୁଲିସ ହଟାଇଲା। ଯଦି ପୂର୍ବରୁ ଏହି ଟ୍ରକ ଦୁଇଟିକୁ ହଟାଯାଇଥାନ୍ତି ତାହେଲେ ଏତେ ବଡ଼ ଦୁର୍ଘଟଣା ଘଟିନଥାନ୍ତା ବୋଲି ସଚେତନ ନାଗରିକମାନେ କହିଛନ୍ତି।

ସେହିପରି ପୂର୍ବରୁ ନେଉଳପୁର ନିକଟରେ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇ ୬ଜଣ ବଙ୍ଗୀୟ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ ସେପ୍ଟେମ୍ବର ୨୫ତାରିଖରେ ଏକ ଆମ୍ବୁଲାନ୍ସ ଟାୟାର ଫାଟିଯିବାରୁ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଥିଲା। ରଥିଆ ନିକଟରେ ଅଗଷ୍ଟ ୭ତାରିଖରେ ହୋଇଥିବା ଦୁଘଟଣାରେ ୩ଜଣ ପଶ୍ଚିମବଙ୍ଗ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨ଜଣ ଗୁରୁତର ଆହତ ହୋଇଥିଲେ। ରାଜପଥ ପାର୍ଶ୍ୱରେ ଥିବା ଢାବା, ହୋଟେଲ, ତେଲ ଟାଙ୍କି, ଗ୍ୟାରେଜ୍ ଆଦି ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ଟ୍ରକ୍ ଆଦି ଭାରୀଯାନ ଅଟକି ରହୁଥିବାରୁ ଟ୍ରାଫିକ୍ ଭିଡ଼ହୋଇ ବାରମ୍ବାର ଦୁର୍ଘଟଣା ହେଉଛି। ସେହିପରି ରାଜପଥ ପାର୍ଶ୍ୱରେ ଯିଏ ଯେଉଁଠି ପାରିଲା ଚା’ ଦୋକାନଠାରୁ ଆରମ୍ଭ କରି ଜଳଖିଆ, ପାନ, ତରଭୁଜ, ଆଖୁରସ, ପଇଡ଼, ଫାଷ୍ଟଫୁଡ୍ ଆଦି ଉଠା ଦୋକାନର ପସରା ମେଲେଇ ବସୁଛନ୍ତି। ଫଳରେ ଏସବୁ ଜିନିଷ କିଣିବା ପାଇଁ ଗାଡ଼ିବାଲା ଅଟକି ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରୁଛନ୍ତି। ଏଥିପାଇଁ ଅଧିକାଂଶ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ନିକଟରେ ଛତିଆ ବଜାରରେ ଜଳଖିଆ ଖାଇବାପାଇଁ ଅଟକିଥିବା ୨ଜଣ ମହିଳାଙ୍କ ଉପରେ ଟ୍ରକ୍ ମାଡ଼ିଯିବାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ରାଜପଥ ପାର୍ଶ୍ୱରେ ହୋଇଥିବା ଦୋକାନଗୁଡ଼ିକ ନିକଟରେ ଏକାଧିକ ଦୁର୍ଘଟଣା ହେଲାଣି। ରଥିଆ, ଶଙ୍ଖାରିଡ଼ିହ, ଜାରକା, ବାରବାଟି, ଦୁର୍ଗାପୁର, ଗୋପାଳପୁର ଓ ମୂଳାପାଳ ଛକ ନିକଟ ରାଜପଥ ପାର୍ଶ୍ୱରେ ବିକ୍ରି ହେଉଥିବା ତରଭୁଜ ବାହାର ଗାଡ଼ିବାଲାଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ରାସ୍ତା ଉପରେ ଗାଡ଼ିରଖି ଲୋକମାନେ କିଣୁଛନ୍ତି। ଅନେକ ସମୟରେ ଏସବୁ ସ୍ଥାନରେ ଦୁର୍ଘଟଣା ଘଟୁଛି।

# ବିଜୟଲକ୍ଷ୍ମୀ ପାଣିଗ୍ରାହିଙ୍କ ଶିଶୁଗଳ୍ପ ସଙ୍କଳନ ଗପ ଫରୁଆ ଉନ୍ମୋଚିତ

ଜୟପୁର, ୨୭/୦୨ (ନି.ପ୍ର): ଜୟପୁର ଜଣାଶୁଣା ଯୁବ କବୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହିଙ୍କ ଶିଶୁ ଗଳ୍ପ ସଂକଳନ ‘ଗପ ଫରୁଆ’ ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସ୍ୱସ୍ତିପ୍ରିମୀୟମ ହେଟୋଲରେ ଆୟୋଜିତ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ(କେଏଲ୍‌ଏଫ୍)-୨୦୨୩ରେ ପୁସ୍ତକଟି ଲୋକାର୍ପଣ କରାଯାଇଛି। କେ ଏଲ୍ ଏଫ୍ର ଦ୍ୱିତୀୟଦିବସରେ ବରିଷ୍ଠ ସାହିତ୍ୟିକ ତଥା ଅନୁବାଦକ ପ୍ରଦୀପ ରାୟ, ବିଶିଷ୍ଟ ଗାଳ୍ପିକ ଅଭିନେତା ଚିତ୍ରକର ଡ. ଦୀନବନ୍ଧୁ ସାହୁ, ଆଦିତ୍ୟ ଭାରତ ପ୍ରକାଶନର ପ୍ରତିନିଧି ସବ୍ୟସାଚୀ ବିଷୋୟୀ, ସୁସାହିତ୍ୟିକା ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତିରେ ‘ଗପଫରୁଆ‘ ଉନ୍ମୋଚନ କରାଯାଇଥିଲା। ପ୍ରକାଶକ ଦେବାଶିଷ ସାମନ୍ତରାୟଙ୍କ ପ୍ରକାଶନ ସଂସ୍ଥା ଆଦିତ୍ୟ ଭାରତ ତରଫରୁ ପୁସ୍ତକଟି ପ୍ରକାଶିତ ହୋଇଥିବା ବେଳେ ଗଳ୍ପ ସଂକଳନର ଲୋକାର୍ପଣ ସମ୍ପର୍କରେ ସ୍ରଷ୍ଟାଙ୍କୁ ପୂର୍ବ ସୂଚନା ଦିଆଯାଇ ନଥିବାରୁ ଆଶ୍ଚର୍ଯ୍ୟଜନକ ଉନ୍ମୋଚନ ଶ୍ରୀମତୀ ପାଣିଗ୍ରାହୀଙ୍କୁ ରୋମାଂଚିତ କରିଥିବା ସେ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଶ୍ରୀମତୀ ପାଣିଗ୍ରାହୀଙ୍କ ପ୍ରଥମ କବିତା ସଂକଳନ ‘ଅନ୍ୟନ୍ୟା’ ଖୁବ ପାଠକୀୟ ଆଦୃତି ଲାଭ କରିଛି। ଉପାନ୍ତ କୋରାପୁଟ ଜିଲ୍ଲାର କବୀଙ୍କ ପୁସ୍ତକ ରାଜଧାନୀର ଏତେ ବଡ଼ ସାହିତ୍ୟ ମହୋତ୍ସବରେ ପାଠକାର୍ପଣ ହୋଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିବା ସହ ଜୟପୁର ସାହିତ୍ୟିକମାନେ ଉତ୍ସାହିତ ହୋଇଥିବା ଜଣାପଡ଼ିଛି।

# ବଲାଙ୍ଗୀର ଯୁବ କୁଲୁତା ସମାଜର ନୂତନ କର୍ମକର୍ତା ଚୟନ

ବଲାଙ୍ଗୀର, ୨୭/୦୨ (ନି.ପ୍ର): ସ୍ଥାନୀୟ ଭୀମଡୁଙ୍ଗୁରି ଠାରେ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜର ସାଧାରଣ ସଭା ଯୁବ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଥିଲା। ଅମିତ ବାରିକ ବାର୍ଷିକ ବିବରଣୀ ପଠନ କରିଥିଲେ। କ୍ଷିତିଶ ଚନ୍ଦ୍ର ବିଶି ନିର୍ବାଚନ ପରିଚାଳନା କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲା ଯୁବ ସଭାପତି ଭାବେ ଅସୀମ କୁମାର ଭୋଇ, ଉପ-ସଭାପତି ରୋଶନ ପ୍ରଧାନ ଓ ଜିତେନ୍ଦ୍ର ବିଶ୍ୱାଳ, ସଂପାଦକ ଭୁବନେଶ୍ୱର ଭୋଇ, ସହ-ସଂପାଦକ ରୋହିତ ବିଶ୍ୱାଳ, କୋଷାଧ୍ୟକ୍ଷ ଅମିତ ବାରିକ, କାର୍ଯ୍ୟକାରି ସଦସ୍ୟ ଭାବେ ମୁକେଶ ପ୍ରଧାନ, ସୁଧିର ସା, ଅଞ୍ଜଳି ବିଶି, ପ୍ରୀତି ପ୍ରଧାନ, ଦିନେଶ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ପ୍ରକାଶ ପ୍ରଧାନ, ଗଙ୍ଗାଧର ସା, ଅସ୍ମିତ ପ୍ରଧାନ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ଶ୍ରୀମନ୍ତ ଗଡତ୍ୟାଙ୍କୁ ମନୋନିତ କରାଯାଇଥିଲା। ପ୍ରଚାର ପ୍ରସାର ପ୍ରଭାରି ଭାବେ ପ୍ରେମ କିଶୋର ସାହୁ ମନୋନିତ ହୋଇଥିଲେ। ବାସନ୍ତି ବିଶିଙ୍କୁ ମହିଳା ଉପଦେଷ୍ଟା ଭାବେ ମନୋନିତ କରାଯାଇଥିଲା। ଏ ଅବସରରେ ସୁଦାମ ପ୍ରଧାନ, ବିଶ୍ୱଜିତ ପ୍ରଧାନ ଓ ବାସୁଦେବ ସାହୁଙ୍କୁ ଦେଓଗାଁ ବ୍ଲକ ସଦସ୍ୟ ଭାବେ ମନୋନିତ କରାଯାଇଥିବା ବେଳେ ଝୁନୁ ପ୍ରଧାନଙ୍କୁ ଲୋଇସିଂହା ଓ ନବକିଶୋର ସାହୁ ପୁଇଁନ୍ତଲା ବ୍ଲକ ସଦସ୍ୟ ଭାବେ ସର୍ବ ସମ୍ମତିକ୍ରମେ ମନୋନିତ କରାଯାଇଥିଲା। ଆଜିକାର ଏହି ସଭାରେ ଅବସରପ୍ରାପ୍ତ ଏସିଷ୍ଟେଣ୍ଟ ଇଞ୍ଜିନିୟମ କ୍ଷିତିଶ ଚନ୍ଦ୍ର ବିଶି ଓ ସମ୍ମାନିତ ଅତିଥି ଭାବେ ରାଜସ୍ୱ ନିରୀକ୍ଷକ ସୁବୋଧ ବିଶ୍ୱାଳ ଯୋଗଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରୋହିତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ସୁନିଲ ବିଶ୍ୱାଳ, ସୌମ୍ୟ ବିଶ୍ୱାଳ, ରମ୍ୟ ବିଶ୍ୱାଳ ସହଯୋଗ କରିଥିଲେ।

# ପୁରୀ ଜିଲ୍ଲାରେ ଖୋଲିବ ୧୬ ଉପସ୍ୱାସ୍ଥ୍ୟକେନ୍ଦ୍ର

## ଉପକୃତ ହେବେ ୭ଟି ବ୍ଲକ୍‌ର ଲୋକେ, ତୃଣମୂଳ ସ୍ତରରେ ଯୋଗାଇ ଦିଆଯିବ ସ୍ୱାସ୍ଥ୍ୟସେବା




ପୁରୀ, ୨୭/୦୨ (ନି.ପ୍ର): ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ପଞ୍ଚାୟତ ସ୍ତରରେ ଖୋଲିବ ଆଉ ୧୬ ଉପସ୍ୱାସ୍ଥ୍ୟକେନ୍ଦ୍ର। ୫ରୁ ୭ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ଏହି ସ୍ୱାସ୍ଥ୍ୟଉପକେନ୍ଦ୍ର ଉପଲବ୍ଧ ହେବ। ଔଷଧ ସୁବିଧା ସହ ଯୋଗ, ନିଦାନ, ଓପିଡି, ମାଗଣା ଔଷଧ ସେବା, ଟେଲି ପରାମର୍ଶ ସୁଯୋଗ ଉପଲବ୍ଧ ହେବ। ତେବେ ସେଠାରେ ଡାକ୍ତର ନିଯୁକ୍ତ ପାଇବେ ନାହିଁ। ବରଂ ଷ୍ଟାଫ ନର୍ସ ଶ୍ରେଣୀର କର୍ମଚାରୀଙ୍କୁ ତାଲିମ ଦିଆଯାଇ ଏହି ସେବା ଉପଲବ୍ଧ ହେବ। ଫଳରେ ଏଣିକି ପ୍ରାଥମିକ ଚିକିତ୍ସା ପାଇଁ ଲୋକେ ପିଏଚ୍‌ସି ଓ ସିଏଚ୍‌ସିକୁ ନଆସି ନିଜ ଘର ପାଖରେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ୧ଲକ୍ଷ ଜନସଂଖ୍ୟାରେ କମ୍ୟୁନିଟି ହେଲ୍‌ଥ ସେଣ୍ଟର (ସିଏଚ୍‌ସି) ଓ ୩୦ ହଜାର ଜନସଂଖ୍ୟାରେ ପବ୍ଲିକ୍ ହେଲ୍‌ଥ କେୟାର (ପିଏଚ୍‌ସି) ରହିଥିବା ବେଳେ ସ୍ୱାସ୍ଥ୍ୟ ସେବାକୁ ତୃଣମୂଳ ସ୍ତରକୁ ନେବା ଉଦ୍ଦେଶ୍ୟରେ ଏବେ ୫ରୁ ୭ ହଜାର ଜନସଂଖ୍ୟା ମଧ୍ୟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ଏଭଳି ପରିକଳ୍ପନା କରାଯାଇଛି। ୭ଟି ବ୍ଲକ୍‌ରେ ୧୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବ। ଏଥିପାଇଁ ୫କୋଟି ୫୦ କୋଟିର ବ୍ୟୟ ବରାଦ ରଖାଯାଇଛି। ୧୮୦ ଦିନ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଟେଣ୍ଡର ହୋଇଯାଇଥିବା ବେଳେ ଖୁବଶୀଘ୍ର କାମ ଆରମ୍ଭ ହେବାକୁ ଯାଉଛି।

କଣାସ ବ୍ଲକ୍‌ର ତେଲେଙ୍ଗାପଡ଼ା, ତ୍ରିଲୋଚନପୁର, ଅଁଳାଯୋଡ଼ି, ବିନ୍ଧାଣ, ଗଡ଼ବଳଭଦ୍ରପୁର, ପୁରୀ ସଦର ବ୍ଲକ୍‌ରେ ଗଡ଼ମୃଗଶିରା, ରୁଆ, ଡେଲାଙ୍ଗର କୁଞ୍ଜର, ମୋଟରି, ସାଇରିଆ, ନୂଆଗାଁ, ନିମାପଡ଼ାର ଗଡ଼ତୋରିହାଁ, ବକୁଗ୍ରାମ, କୃଷ୍ଣପ୍ରସାଦ ବ୍ଲକ୍‌ର ମାଲୁଦ, ଗୋପର କାନପୁରରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯିବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏମ୍‌ୟୁ (ଡିଷ୍ଟ୍ରିକ୍ଟ ପ୍ଲାନିଂ ଆଣ୍ଡ୍ ମନିଟରିଂ ୟୁନିଟ୍) ଅଧିକାରୀ ଟି ନାରାୟଣ ରାଓଙ୍କ କହିବା ମୁତାବକ, ଲୋକେ ଜ୍ୱର, କାଶ, ଛିଙ୍କ, ଥଣ୍ଡା ହେଲେ ମଧ ପିଏଚ୍‌ସି ନଚେତ ସିଏଚ୍‌ସିକୁ ଯାଉଥିଲେ। ଏଣିକି ପଞ୍ଚାୟତ ସ୍ତରରେ ମଧ ଲୋକେ ଏହି ସୁବିଧା ପାଇପାରିବେ। ଏଠାରେ ମଧୁମେହ ଔଷଧ, ପରାମର୍ଶ ସହ ଇ-ଟେଲିକମ୍ୟୁନିକେସନର ବ୍ୟବସ୍ଥା ରହିବ। ଜଣେ ଷ୍ଟାଫ୍ ନର୍ସ ଶ୍ରେଣୀର କର୍ମଚାରୀଙ୍କୁ ୩ମାସରୁ ଅଧିକ ସମୟ ତାଲିମ ଦେଇ ସେଠାରେ ନିଯୁକ୍ତି ଦିଆଯିବ। ଏଏନ୍‌ଏମ୍ ମଧ ସହାୟକ ଭାବେ ସେବା ଯୋଗାଇବେ। ଫଳରେ ଲୋକେ ନିଜ ପଞ୍ଚାୟତ ମଧ୍ୟରେ ମଧ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ଟେଣ୍ଡର ସରିବା ପରେ କାର୍ଯ୍ୟ ଆରମ୍ଭ ହେବ।

ସୂଚନାଯୋଗ୍ୟ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ କଲ୍ୟାଣ ପାଇଁ ଯଥାକ୍ରମେ ୫ଲକ୍ଷ ଓ ଦେଢ଼ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ୧୬୩୧ ଜଣ ଆଶାକର୍ମୀ ଗ୍ରାମ ସ୍ତରରେ ଓ ୫୭ ଜଣ ବସ୍ତି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପାଇଁ ନିୟୋଜିତ ହୋଇଛନ୍ତି। ତେବେ ପୁରୀ ଜିଲ୍ଲାକୁ ୩୨୪ ଜଣ ଡାକ୍ତର ମଞ୍ଜୁରି ଥିବା ବେଳେ ୨୦୩ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ୧୪୪ ଡାକ୍ତର ପଦବି ଖାଲି ପଡ଼ିଛି। ଏହାବ୍ୟତୀତ ୫୪ ଜଣ ଆୟୁଷ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଆଗାମୀ ଦିନରେ ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜର ହସ୍ପିଟାଲ ଖୋଲିବା ଫଳରେ ବହୁ ରୋଗୀ ଉପକୃତ ହୋଇପାରିବେ।

# ଏନପିଏସ ଶିକ୍ଷକ ସଂଘ ପକ୍ଷରୁ ଚିତ୍ରକୋଣ୍ଡା ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିର, ୨୭/୦୨ (ନି.ପ୍ର): ଆଜି ମାଥିଲି ଓ ଖଇରପୁଟ ବ୍ଲକ ର ଏନପିଏସ ଶିକ୍ଷକ ସଂଘ ପକ୍ଷରୁ ତିନି ଦଫା ଦାବି ପୂରଣ ଉଦେଶ୍ୟ ରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଙ୍କୁ ତାଙ୍କ ମାଥିଲି ଗସ୍ତ ସମୟରେ ଏକ ସ୍ମାରକପତ୍ର ଶିକ୍ଷକ ସଂଘ କର୍ମକର୍ତା ରତ୍ନାକର ପାଳ ଙ୍କ ନେତୃତ୍ୱ ରେ ପ୍ରଦାନ କରାଯାଇଛି । ଗତ ୨୯ ନଭେମ୍ବର ୨୦୨୨ ରେ ରାଜ୍ୟ ମିଳିତ ମହା ସଂଘ ଡ଼ାକରା ରେ ଲକ୍ଷ୍ୟା ଧିକ ଏନପିଏସ ଶିକ୍ଷକ ଲୋୟର ପି ଏମ୍ ଜି ରେ ୪ ଦିନ ବ୍ୟାପି ଧାରଣା ପଦର୍ଶନ କରିଥିଲେ । ୨୮୦୦ ଗ୍ରେଡ ପେ ସହ ୬ ବର୍ଷ ଠିକାକୁ ମୂଳ ଦରମା ରେ ମିଶାଇ ୬ ଟି ନୋସନାଲ ଇଂକରିମେଂଟ ଓ ପୁରୁଣା ପେନସନ ନିମନ୍ତେ ଦାବି କରିଥିଲେ। ଶାସକ ଦଳ ବିଧାୟକଙ୍କ ସହ ବିରୋଧୀ ଦଳ ବିଧାୟକ ଦାବି ବିଚାର ପାଇଁ ସମର୍ଥନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଏକ ସଚିବ ସ୍ତରୀୟ କମିଟି ଗଠନ କରି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣ ରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ହଟିଥିଲେ । ପରେ ଏନେଇ ମୁଖ୍ୟ ଶାସନ ସଚିବ ଙ୍କ ନେତୃତ୍ୱ ରେ ୨୯ ଡିସେମ୍ବର ୨୦୨୨ ରେ ରାଜ୍ୟ ଅଭିଯୋଗ ଓ ସାଧାରଣ ପ୍ରଶାସନ ସଚିବ, ରାଜ୍ୟ ଅର୍ଥ ସଚିବ, ବିଦ୍ୟାଳୟ ଗଣ ଶିକ୍ଷା ସଚିବ ଆବାହକତ୍ୱରେ ଆହୁତ ବୈଠକ ରେ ମିଳିତ ମହାସଙ୍ଗ ପ୍ରତିନିଧି ଦଳ ଉପସ୍ଥିତ ରହି ଦାବୀ ଗୁଡିକ ର ଯଥାର୍ଥତା ଦର୍ଶାଇ ଥିଲେ । ଆଜିକୁ ୩ ମାସ ପରେ ମଧ ରାଜ୍ୟ ସରକାର ଗୋଟିଏ ଦାବୀ ପୂରଣ ନକରି ସମୟ ଗଡାଉ ଥିବାରୁ ବିଧାୟକ ଙ୍କୁ ଏନପିଏସ ସଂଘ ସଂଯୋଜକ ଶ୍ରୀ ପାଳ ଜଣାଇଥିଲେ । ବର୍ତମାନ ବିଧାନସଭା ଚାଲିଥିବା ରୁ ଗୃହରେ ବୈଧାନିକ ପ୍ରଶ୍ନ ଉତଥାପନ କରି ରାଜ୍ୟ ସରକାରଙ୍କ ନିକଟରେ ଦାବି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରିବା କୁ ନିବେଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ସଂଘ କର୍ମ କର୍ତା ନରେନ୍ଦ୍ର ନିଆଲ, ମଧୁସୂଦନ ନାୟକ, ସମରର୍ଜିତ ସାହୁ, ଅନୁସୂୟା ବିଶ୍ୱାଳ ସମେତ ଖଇରପୁଟ ବ୍ଲକ ର ମନୋଜ କୁମାର ନାୟକ, ଚିତରଞ୍ଜନ ଦାଶ, ଡମ୍ବରୁ ଧର ସୀସା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ କଲ୍ୟାଣ ପାଇଁ ...

(ପୃଷ୍ଠା ୪ର ଅବଶିଷ୍ଟ)

ମାତ୍ର ମଣିଷ ତ ପରୀକ୍ଷାଗାରରେ କରୋନାକୁ ବାହାର କରିବ! ପରମାଣୁ ଶକ୍ତିର ଅଧିକାରୀ ହୋଇ କି ବିଶ୍ୱକୁ କବଜା କରିବ। ଏ କି ମାନସିକତା! ସତରେ ଏଇଥି ପାଇଁ ବିଜ୍ଞାନର ନୂତନ ଆବିଷ୍କାର ହୁଏ କି! ମଣିଷ ମଣିଷ ମଧ୍ୟରେ ଲଢ଼େଇ ପାଇଁ।ବିଜ୍ଞାନ ମାନବର ଆଜ୍ଞା ବହ ଦାସ ରୂପେ କାର୍ଯ୍ୟ କରୁଛି। ମାତ୍ର ବିଜ୍ଞାନ ଯେବେ ମାଲିକ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ ତାର ପରିଣାମ ବିଷମୟ ଓ ଭୟଙ୍କର ହିଁ ହୁଏ। ପୃଥିବୀ ପୃଷ୍ଠରେ ଶାନ୍ତିର ଧାରାକୁ ବଜାୟ ରଖିବାକୁ ହେଲେ ବିଜ୍ଞାନର ସଦୁପଯୋଗ କରାଯିବା ଉଚିତ୍। ୧୯୯୯ ମସିହାରେ ଜାତୀୟ ବିଜ୍ଞାନ ଦିବସର ବାର୍ତ୍ତା ଥିଲା ଆମର ବଦଳୁଥିବା ପୃଥିବୀ। ଆଉ ଏବେ ର ବାର୍ତ୍ତା ହେଉଛି 'ବିଶ୍ୱ କଲ୍ୟାଣ ପାଇଁ ବିଶ୍ୱ ବିଜ୍ଞାନ।' ଏଥିରୁ ଆପଣ ସ୍ପଷ୍ଟ ଜାଣି ପାରୁଥିବେ ଚଳିତ ବର୍ଷର ଜାତୀୟ ବିଜ୍ଞାନ ଦିବସର ବାର୍ତ୍ତା କଣ ଇଙ୍ଗିତ କରୁଛି।

ଆଇଆଇଏମସି, ଢେଙ୍କାନାଳ

## ବସ୍ତା ସାର୍ବଜନୀନ ଚଉଦମାଦଳ ଉଦ୍ଯାପିତ

ବସ୍ତା, ୨୭/୦୨ (ନି.ପ୍ର):ବସ୍ତା ସଦାନନ୍ଦ ପୁର ପଞ୍ଚାୟତ ଇଶ୍ୱରବର୍ତ୍ତି ପଡିଆରେ ଅନୁଷ୍ଠିତ ହୋଇଥିବା ୧୭ତମ ସାର୍ବଜନୀନ ଚଉଦମାଦଳ ଆଜି ଉଦଜାପିତ ହୋଇଯାଇଛି । ୪ଟି ସଂକିର୍ତ୍ତନ ମଣ୍ଡଳି ଯୋଗ ଦେଇଥିଲେ । ଚାରିଦିନ ଧରି କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ପ୍ରତ୍ଯେକ ଦିନ ସଂଧ୍ୟା ମେଳି ସମୟରେ ୫୬ଟି ଖୋଳ ଝାଞ୍ଜ ଯୋଡି ତାଳରେ ପ୍ରକମ୍ପିତ ହୋଇ ଉଠିଥିଲା ଅଞ୍ଚଳର ପରିବେଶ ଶହଶହ ସଂଖ୍ୟାର ଭକ୍ତମାନେ ମେଳି ଦେଖିବାକୁ ଭିଡ ଯମାଇଥିଲେ । ଆଜି ୧୦ହଜାରରୁ ଉର୍ଦ୍ଧ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ ।ଶାନ୍ତି କମିଟିର ସଭାପତି ଶଙ୍କର କୁମାରକର. ଉପସଭାପତି ସମାଜସେବୀ କୁମୁଦରଞ୍ଜନ ଗିରି, କେଶବ ବେହେରା, ପ୍ରଭାତ ବେହେରା, ଚନ୍ଦ୍ର ମୋହନ ଜେନା, ସମେତ ସମସ୍ତ କମିଟିର ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଫେସର ମନୋଜ ଦାସଙ୍କ ସ୍ୱନକ୍ଷତ୍ର ଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ପ୍ରଥିତଯଶା ସାହିତ୍ୟିକ ପ୍ରଫେସର ମନୋଜ ଦାସଙ୍କର ସ୍ୱନକ୍ଷତ୍ର ଦିବସ ଅବସରରେ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପରିଜା ପାଠାଗାରସ୍ଥିତ 'ମନୋଜ ଦାସ ଅଧ୍ୟୟନ କକ୍ଷ ' ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅତୀତରେ, ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ଠାରେ ଶ୍ରୀ ଦାସଙ୍କ ସହିତ ତାଙ୍କର ସଂକ୍ଷିପ୍ତ ସାକ୍ଷାତର ମଧୁର ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମନୋଜ ଦାସ କୃତ ସମଗ୍ର ପୁସ୍ତକ ସଂକଳନ ପ୍ରଦର୍ଶିତ ହୋଇଥିଲା । ସମ୍ମାନନୀୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼ଃ ଅଭୟ କୁମାର ନାୟକ ଶ୍ରୀ ଦାସଙ୍କର କୃତି, ତାଙ୍କୁ ସମଗ୍ର ବିଶ୍ୱରେ ସଦା ଅମର କରି ରଖିବ ବୋଲି ମତପ୍ରକାଶ କରିଥିଲେ । ମନୋଜ ଅଧ୍ୟୟନ କକ୍ଷର ଉନ୍ନତି ଦିଗରେ ସେ ସଦାସର୍ବଦା ନିଜର ଅବଦାନ ଦେବାକୁ ପ୍ରସ୍ତୁତ ବୋଲି ଡ଼ଃ ନାୟକ ନିଜ ବକ୍ତବ୍ୟ ରଖିଥିଲେ ।

# ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ, ବାଲେଶ୍ୱରର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାଲେଶ୍ୱର, ୨୭/୦୨ (ନି.ପ୍ର): ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ ବାଲେଶ୍ୱରର ୧୦ମ ବାର୍ଷିକ ଉତ୍ସବ ସ୍ଥାନୀୟ ଓଡେଶା ଭବନରେ ସଂଘ ସଭାପତି ଇଂ ସରୋଜ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଦସ୍ୟ ମାନଙ୍କର ବହୁବିଧ ସମସ୍ୟା ଯଥା ଅବସରପରେ ବିଭିନ୍ନ ପ୍ରାପ୍ୟ ପାଇବାରେ ଅହେତୁକ ବିଳମ୍ବ, ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମେଡିକାଲ ଭତ୍ତା ପ୍ରଦାନ, ପେନସନ ରେ ତାରତମ୍ୟକୁ ସମାଧାନ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଇଂଜିନିୟର ଫୋରମର ସଭାପତି ଇଂ ସୁରେନ୍ଦ୍ର ନାଥ ଦାସ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର ସଭାପତି ଇଂ ବିପିନ ବିହାରୀ ନାୟକ ଓ ସାଧାରଣ ସଂପାଦକ ଇଂ ଡମ୍ବରୁଧର କବି ଯୋଗ ଦେଇଥିଲେ। ସଂଘର ବାର୍ଷିକ ମୁଖପତ୍ରକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ସଂଘର ୪ଜଣ ବର୍ଷୀୟାନ ସଦସ୍ୟ ଇଂ ସୁଧାକୃଷ୍ଣ ଗନ୍ତାୟତ, ଇଂ ଅମ୍ବିକା ପ୍ରସାଦ ପିରି, ଇଂ ଶ୍ରୀରାମ ପ୍ରସାଦ ଦାଶ ଓ ଇଂ ଅଜିତ କୁମାର ସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ରାଜ୍ୟ ସଂଘର ପୃଷ୍ଠପୋଷକ ଓ ସର୍ବଭାରତୀୟ ଡିପ୍ଲୋମା ଇଞ୍ଜିନିୟର ସଂଘର ପ୍ରତିଷ୍ଠାତା ଇଂ ସାରଦା ପ୍ରସାଦ ମହାନ୍ତି, ଉପଦେଷ୍ଟା ଇଂ ଦର୍ପ ନାରାୟଣ ଦାସ ଓ ଭଦ୍ରକ କମିଟିର ଉପଦେଷ୍ଟା ଇଂ ମାଧବ ଚନ୍ଦ୍ର ମହାନ୍ତିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀରେ ଭଦ୍ରକର ସଭାପତି ଇଂ ନିର୍ମଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଇ ରମାକାନ୍ତ ପାତ୍ର, ମୟୂରଭଞ୍ଜର ଆବାହକ ଇଂ ଜଗଦୀଶ ବେହେରାଙ୍କ ସମେତ ବାଲେଶ୍ୱର ଜିଲ୍ଲାର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ପରିଚାଳନାରେ ଓଡେଶା, ବାଲେଶ୍ୱର ଶାଖାର କର୍ମକର୍ତ୍ତା ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସମ୍ପାଦକ ଇଂ ଡ଼. ହୃଷୀକେଶ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଇଂ ସୁକୁମାର ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ଉପ ସଭାପତି ଇଂ ଶଶାଙ୍କ ଶେଖର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଇଂ ନର ନାରାୟଣ ପାଣିଗ୍ରାହୀ, ଇଂ ଲକ୍ଷ୍ମୀକାନ୍ତ ସାହୁ, ଇଂ ବିଜୟ କୁମାର ଦାସ, ଇଂ ଉଜ୍ଜ୍ୱଳ କୁମାର ପ୍ରଧାନ, ଇଂ ରମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଇଟିଆରରୁ ତଥ୍ୟ ଲିକ ମାମଲା....

ବୋଲି ଏସପି ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି। ହନିଟ୍ରାପ୍ ମାଧ୍ୟମରେ ପାକିସ୍ତାନୀ ମହିଳା ଏଜେଂଟକୁ ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଲିକ୍ ଘଟଣାରେ ଅଭିଯୁକ୍ତ ସହ ଅନ୍ୟ କେଉଁମାନେ ଯୋଗାଯୋଗରେ ଥିଲେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଆନ୍ଧ୍ରର ଗୁଇନ୍ଦା ଟିମ୍ ବାଲେଶ୍ୱରରେ ପହଞ୍ଚିଥିବା ସେ କହିଛନ୍ତି। ଅଦ୍ୟାବଧି ମିଳିଥିବା ତଥ୍ୟ ଅନୁଯାୟୀ ଏହି ଘଟଣାର ଚେର କେତେ ଯାଏଁ ଲମ୍ବିଛି, କେଉଁ ଅଞ୍ଚଳରୁ ଡେଜେଣ ବ୍ୟକ୍ତି ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ଦେଶ ମଧ୍ୟରେ ଏହାର ଲିଙ୍କ କେଉଁଠି ରହିଛି, ଏ ସମସ୍ତ ପ୍ରସଙ୍ଗକୁ ଆଧାର କରି ତଦନ୍ତକାରୀ ଦଳ ମିଳିତ ଭାବେ ଯାଞ୍ଚ ଚଳାଇଥିବା ଏସପି କହିଛନ୍ତି। ଆବଶ୍ୟକ ପଡ଼ିଲେ କ୍ରାଇମବ୍ରାଞ୍ଚ କିମ୍ବା ଏନଆଇଏ ଭଳି କେନ୍ଦ୍ରୀୟ ଅନୁସନ୍ଧାନ ବିଭାଗକୁ ମଧ ଏଥିରେ ସାମିଲ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଅଧ୍ୟାପକଙ୍କ ରଣହୁଙ୍କାର : ୬୬୨ ବର୍ଗ ....

ମଧ୍ୟରେ ୬୬୨ ବର୍ଗର ଅଧିକାଂଶ କଲେଜ ରହିଛି । କିନ୍ତୁ ଏହି କଲେଜର ଅଧ୍ୟାପକ ଓ କର୍ମଚାରୀ ଅସହଯୋଗ କଲେ ପରୀକ୍ଷା କିଭଳି ହେବ ସେ ନେଇ ଚିନ୍ତାରେ ପଡିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ତେବେ ଯାହା ଅସୁବିଧା ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି କହିଛନ୍ତି ଆନ୍ଦୋଳନରତ ଅଧ୍ୟାପକ ଓ କର୍ମଚାରୀ । ତେବେ ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ସବୁବେଳେ ଆଲୋଚନା ଚାଲିଛି । କିନ୍ତୁ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଧ୍ୟାପକମାନେ ପରୀକ୍ଷରେ ସହଯୋଗ କରନ୍ତୁ । ଗୋଟିଏ ପଟେ ସରକାର ଅଧ୍ୟାପକ ଓ କର୍ମଚାରୀଙ୍କ ଦାବିକୁ ଅଣଦେଖା କରିବା ଓ ଅନ୍ୟପଟେ ଅଧ୍ୟାପକ ଓ କର୍ମଚାରୀ ଜିଦରେ ଅଟଳ ରହିବା ଆଗାମୀ ପରୀକ୍ଷାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ।

## ସିସୋଦିଆଙ୍କୁ ୫ ଦିନିଆ....

କହିଛନ୍ତି, କେବଳ ମଦ ଦୁର୍ନୀତିରେ ଭୂମିକା ଗ୍ରହଣ କରିଥିବାରୁ ନୁହେଁ, ପ୍ରମାଣ ନଷ୍ଟ କରିଥିବାରୁ ମଧ ମନୀଷ ସିସୋଦିଆଙ୍କୁ ଗିରଫ କରାଯାଇଛି। ଏହି ଦୁର୍ନୀତିର ମାଷ୍ଟରମାଇଣ୍ଡ୍‌କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଦୋଷୀମାନଙ୍କୁ ଆଇନ ଅନୁଯାୟୀ ଶାସ୍ତି ମିଳିବ।


## କେନ୍ଦ୍ର ସରକାରଙ୍କ ଅଗ୍ନିପଥ....

ନେଇଥିବେ, ତେଣୁ ଯଦି ସେନାରେ ସିପାହୀ ପଦରେ ନିଯୁକ୍ତି ହେଉଛି ତ ସେମାନଙ୍କର ଟ୍ରେନିଂ ଅଗ୍ନିବୀର ଠାରୁ ଉଚ୍ଚ ସ୍ତରରେ ହେବ । ୧୦-୧୫ ବର୍ଷ ପରେ କୌଣସି ବି ସିପାହୀ ଏପରି ନଥିବେ, ଯିଏକି ଅଗ୍ନିବୀର ରହି ନଥିବେ । କେନ୍ଦ୍ର ପକ୍ଷରୁ ଏଏସଜି ଐଶ୍ୱର୍ଯ୍ୟା ଭାଟି ଏହି ପକ୍ଷ ରଖିଥିଲେ ।

# ବିଦ୍ୟୁତ କାଟିଲେ, ବିଏସଏନଏଲ ନେଟୱାର୍କ ଠପ, ଉପଭୋକ୍ତା ହନ୍ତସନ୍ତ

ଲଙ୍ଗଳେଶ୍ୱର, ୨୭/୦୨ (ନି.ପ୍ର): ଆଗରୁ ଲୋକେ କେବଳ କଥା ହେଉଥିଲେ ଏବେ ଏହା ସବୁ କାମରେ ଲାଗୁଚି। କଥାବାର୍ତ୍ତା ଠୁ ଆରମ୍ଭ କରି ଟଙ୍କା ନେଣ ଦେଣ, ଲୋକେସନ, ପିଲାମାନେ ପାଠ ପଢା ଇତ୍ୟାଦି ସବୁ କାମରେ ମୋବାଇଲ ନେଟ ଦରକାର ପଡୁଛି। ଗ୍ରାହକ ମାନେ ଦିନକୁ ଦିନ ଅଧିକ ନେଟ ବ୍ୟବହାର କରୁଥିବାବେଳେ ମୋବାଇଲ କମ୍ପାନୀ ମନେ ଆକୃଷ୍ଟ କରିବାକୁ ବହୁ ଅଫର ମଧ ଦେଉଛନ୍ତି। କିନ୍ତୁ ଭାରତ ସରକାରଙ୍କ ବି ଏସ ଏନ ଏଲ ଏବେ ଉପଭୋକ୍ତାଙ୍କୁ ବହୁ ଅସୁବିଧାରେ ପକାଉଛି । ଲଙ୍ଗଳେଶ୍ୱର ଏକ୍ସଚେଞ୍ଜରେ ବେଟେରୀ ଦୀର୍ଘଦିନ ହେବ ନ ଥିବାରୁ ବିଦ୍ୟୁତ ଚାଲିଗଲେ ଲଙ୍ଗଳେଶ୍ୱର ଏବଂ ଏହାର ଆଖ ପାଖ ଅଞ୍ଚଳରେ ନେଟୱାର୍କ ଠପ ହେଇଯିବା ଯୋଗୁଁ ଗ୍ରାହକମାନେ ବହୁ ହଇରାଣ ହରକତ ହେଉଛନ୍ତି ।ବିଦ୍ୟୁତ ଥିଲେ ବି ସନ୍ଧ୍ୟା ସମୟରେ ମଧ ନେଟ ରହୁନାହିଁ ।ଏ ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନି। ବିଭାଗୀୟ ଅଧିକାରୀ ମାନେ ଗ୍ରାହକ ମାନଙ୍କ ଠାରୁ ଅର୍ଥ ହରିଲୁଟ ଛଡା ଜନ ସ୍ୱାର୍ଥକୁ ଗୁରୁତ୍ୱ ନ ଦେବା ପରିତାପର ବିଷୟ ହୋଇଛି ।ଏ ବାବଦରେ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ସମସ୍ୟାର ସମାଧାନ କରିବାକୁ ଆଇନଜୀବୀ ପ୍ରଦୀପ କୁମାର ସାହୁ,ଅନଙ୍ଗ କୁମାର ସାହୁ, ଶୁକଦେବ ଦାସ,ବାବୁଲି ରଣା,ସତ୍ୟଅଞ୍ଜନ ଦେ, ବାବୁରାମ ପାତ୍ର ପ୍ରମୁଖ ଦାବି କରିଛନ୍ତି।

## ୩ ଜିଲ୍ଲାରେ ଅଛି ସୁନା ଖଣି



ଭୁବନେଶ୍ୱର, ୨୭/୦୨ (ନି.ପ୍ର): ଓଡ଼ିଶାର ତିନିଟି ଜିଲ୍ଲାରେ ସୁନା ଖଣି ରହିଛି ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ବିଧାୟକ ସୁଧୀର ସାମଲଙ୍କ ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି, ଓଡ଼ିଶାର ୩ ଜିଲ୍ଲା ଦେବଗଡ଼, କେନ୍ଦୁଝର, ଓ ମୟୂରଭଞ୍ଜର ବିଭିନ୍ନ ଅଂଚଳରେ ମାଟି ତଳେ ସୁନା ପଥର ଗଛିତ ରହିଛି। ଖଣି ଓ ଭୂତତ୍ୱ ନିର୍ଦ୍ଦେଶାଳୟ ଓ ଜିଏସଆଇର ଅନୁସନ୍ଧାନରୁ ଏହା ଜଣାପଡ଼ିଛି। ସେ ଆହୁରି କହିଛନ୍ତି, ଦେବଗଡ଼ ଜିଲ୍ଲାର ଅଡ଼ାସ , କେନ୍ଦୁଝର ଜିଲ୍ଲାର ଗୋପୁର, ଗାଜିପୁର, କୁଶବଳା, ଅଡ଼ାଳ, ତେଲକୋଇର ସଳେଇକନା, ଡିମିରିମୁଣ୍ଡା, କରଡଙ୍ଗା ଓ ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡ଼ା, ରୁଆଁସି, ଇଡେଲକୁଚା, ମାରେଡିହି, ସୁଲେଇପଟ ଓ ବାଦାମ ପାହାଡ଼ ଅଂଚଳରେ ସୁନାପଥର ଥିବା ଜଣାଯାଇଛି।

# ରାଜ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ ମହାନ୍ତିଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ରାଜ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ କୁମାର ମହାନ୍ତି ଶପଥ ଗ୍ରହଣ କରିଛନ୍ତି। ସୋମବାର ଅପରାହ୍ନରେ ରାଜଭବନର ଅଭିଷେକ ହଲ୍ ରେ ଏହି ଉପଲକ୍ଷେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବନିଯୁକ୍ତ ସୂଚନା ଆୟୁକ୍ତ ଶ୍ରୀ ମହାନ୍ତିଙ୍କୁ ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ରାଜ୍ୟପାଳଙ୍କ ଅନୁମତି କ୍ରମେ ରାଜ୍ୟ ସୂଚନା ଆୟୁକ୍ତ ଭାବେ ଶ୍ରୀ ମହାନ୍ତିଙ୍କ ନିଯୁକ୍ତି ପତ୍ର (ୱାରାଂଟ ଅଫ୍ ଆପଏଂଟମେଂଟ) ପାଠ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ରାଜ୍ୟ ସୂଚନା ଆୟୁକ୍ତ ଦିଲ୍ଲୀପ କୁମାର ବିଶୋୟୀ, ସଂଜୟ କୁମାର ସ୍ୱାଇଁ, ବାଳକୃଷ୍ଣ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉତ୍କଳ ପ୍ରସଙ୍ଗର ସଂପାଦିକା କସ୍ତୁରୀ ମହାପାତ୍ର ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ।

# ଭଣ୍ଡାରିପୋଖରୀ ବ୍ଲକ୍‌ରେ ମାସର ଶେଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ




ଭଦ୍ରକ, ୨୭/୦୨ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଆୟୋଜନ ନେଇ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଫେବୃୟାରୀ ମାସର ଶେଷ ଶୁଣାଣି ଶିବିର ଆଜି ସୋମବାର ଭଣ୍ଡାରିପୋଖରୀ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଓ ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୦୪ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରୁ ୧୦୦ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଅଭିଯୋଗ ଥିଲା ଓ ମାତ୍ର ୪ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର , ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଭଣ୍ଡାରିପୋଖରୀ ତହସିଲଦାର ସରୋଜ କାନ୍ତ ନାୟକ ଶିବିର ଆୟୋଜନ ଓ ପରିଚାଳନା ନେଇ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ । ଡ଼େପୁଟୀ କଲେକ୍ଟର ବସନ୍ତ କୁମାର ଲେଙ୍କା ଶିବିରରେ ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଆବଶ୍ୟକମତେ ଜିଲ୍ଲାପାଳଙ୍କ ଠାରେ ଉତ୍ତର ରଖିଥିଲେ । ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନାରେ ୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରେ ଜଣଙ୍କୁ ଗୋଟିଏ ତିନିଚକିଆ ସାଇକେଲ ଏବଂ ଅନ୍ୟଜଣଙ୍କୁ ଗୋଟିଏ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା । ମଧୁବାବୁ ପେନସନ୍ ଯୋଜନାରେ ନୂତନଭାବେ ୨ଜଣଙ୍କୁ ବାର୍ଦ୍ଧକ୍ୟ ଓ ୨ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରାଯାଇଥିଲା । ଆଗତ ଅଭିଯୋଗ ମଧ୍ୟରେ ସଂଖ୍ୟାଧିକ ଗୃହ ନିର୍ମାଣ ଜନିତ ସହାୟତା ପ୍ରଦାନ ଜନିତ ଥିଲାବେଳେ, ଜବରଦଖଲ ଉଚ୍ଛେଦ, ରାସ୍ତାଘାଟ ମରାମତି, ଧାନ କିଣାରେ ହେରଫେର, ଅଙ୍ଗନବାଡ଼ିର ଦୁର୍ନୀତି ଆଦି ସମସ୍ୟା ସମ୍ବନ୍ଧରେ ଅଭିଯୋଗ ମାନ ଆସିଥିଲା ।

# କେନ୍ଦ୍ର ଖାଉଟି କଲ୍ୟାଣ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭/୦୨ (ନି.ପ୍ର): ରାଜ୍ୟରେ ବଣ୍ଟନ ହେଉଥିବା ପିଡିଏସ ଚାଉଳ ଅପମିଶ୍ରିତ ହେବା ଖବରର ତୁରନ୍ତ ତଦନ୍ତ କରିବା ସହ ପୁଷ୍ଟିଯୁକ୍ତ ଚାଉଳର ବଣ୍ଟନ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ଯୋଗାଣ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ ବିଚାରରେ କେନ୍ଦ୍ର ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ଯୋଗାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ଭାରତବର୍ଷର କୋଟି କୋଟି ଲୋକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରୁଛି । ଏହି ଯୋଜନାର ପ୍ରମୁଖ ଲାଭାର୍ଥୀ ଓଡ଼ିଶା ହୋଇଛି । ପ୍ରାୟ ୩.୨୫ କୋଟି ହିତାଧିକାରୀଙ୍କୁ ଏହି ଯୋଜନାରେ ଚାଉଳ ପ୍ରଦାନ କରାଯାଉଛି । ମାତ୍ର ନିକଟରେ କୋରାପୁଟ ଜିଲ୍ଲାର ଲମତାପୁଟ, ବାଲେଶ୍ୱରର ସଦର ବ୍ଲକ ତଥା ସୁନ୍ଦରଗଡ଼ ଜିଲ୍ଲାର ବଡବାହାଲ ଠାରେ ପିଡିଏସ କାର୍ଯ୍ୟକ୍ରମ ଅନ୍ତର୍ଗତ ଦିଆଯାଉଥିବା ଚାଉଳ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିବା ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ପୂର୍ବରୁ ମିଳୁଥିବା ଚାଉଳ ଏବଂ ବର୍ତ୍ତମାନ ମିଳୁଥିବା ଚାଉଳରେ ପ୍ରାର୍ଥକ୍ୟ ରହିଥିବା କୁହାଯାଉଛି । ବର୍ତ୍ତମାନ ମିଳୁଥିବା ଚାଉଳ ପାଣିରେ ଭିଜିବା ପରେ ତଳେ ରହିବା ପରିବର୍ତ୍ତେ ଉପରେ ଭାସମାନ ଅବସ୍ଥାରେ ରହୁଛି ଏବଂ ରନ୍ଧାଶୈଳି ଓ ସ୍ୱାଦ ମଧ ଭିନ୍ନ ରହୁଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହି କାରଣରୁ ପିଡିଏସ ମାଧ୍ୟମରେ ପ୍ଲାଷ୍ଟିକ ଚାଉଳ ବଣ୍ଟନ କରାଯାଉଥିବା ନେଇ ଗୁଜବ ସୃଷ୍ଟି କରାଯାଉଛି । ଏହା ଦ୍ୱାରା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ନିଜ ସ୍ୱାସ୍ଥ୍ୟ ନେଇ ଚିନ୍ତାପ୍ରକାଶ ପାଇଛି । ଅପରପକ୍ଷରେ ଜାନୁଆରୀ ମାସରୁ ପୁଷ୍ଟି ଏବଂ ଭିଟାମିନ୍ ଯୁକ୍ତ ଚାଉଳ ପିଡିଏସରେ ପ୍ରଦାନ କରାଯାଉଥିବା ଚାଉଳ ସହ ମିଶାଯାଇ ବଣ୍ଟନ କରାଯାଉଥିବା ନେଇ ସୂଚନା ଦିଆଯାଇଛି ।

# ଖୁଲୁଡା ଶୀଳତା ସରକାରୀ ଉଚ୍ଚ ବିଦ୍ୟାଳର ବାର୍ଷିକ ଉତ୍ସବ



ଜଳେଶ୍ୱର, ୨୭/୦୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ପଂଚାୟତର ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଡ. ଅଜିତ୍ ମହାନ୍ତି ସଭାପତିତ୍ୱ କରି ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ମୁଖ୍ୟଅତିଥିଭାବେ ସାଂସଦ ପ୍ରତାପ ଷଡଙ୍ଗୀ ଯୋଗ ଦେଇ ଓଡିଆ ସଂସ୍କୃତିଠାରୁ ଶିକ୍ଷା ଆସ୍ତେ ଆସ୍ତେ ଦୂରେଇ ଯାଉଛି । ଶିକ୍ଷା ଅଧିକ ସଂସ୍କାରିତ ହେବା ଉଚିତ୍ । ମଣିଷ ମଧ୍ୟରେ ଥିବା ପୂର୍ଣ୍ଣତା ହିଁ ଶିକ୍ଷା ଓ ଶିକ୍ଷାହିଁ ସମ୍ପର୍ଣ୍ଣ ମଣିଷହିଁ ପଣ୍ଡିତ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଆଦର୍ଶ ମା ଓ ଶିକ୍ଷକ ଦ୍ୱାରା ଜଣେ କର୍ତ୍ତବ୍ୟନିଷ୍ଠ ନାଗରିକ ସୃଷ୍ଟି କରାଯାଇପାରେ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସ୍ତମ୍ଭକାର ସୁଦର୍ଶନ ଦାସ, ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ସଭାପତି ଜ୍ୟୋତିର୍ମୟ ଆଚାର୍ଯ୍ୟ, କମଳ ଚକ୍ରବର୍ତ୍ତୀ, ଓସ୍ତାର ହରିପଦ ଭୂୟାଁ, ବଂଶିଧୀର ବାରିକ, ସତ୍ୟମୟ ଆଚାଯ୍ୟ, ଗୁରୁପ୍ରସାଦ ରାଉଳ, ଗୁରୁପ୍ରସାଦ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସୁକୁମାର ମିଶ୍ର ସୂଚନା ଓ ମଂଚ ଆହ୍ୱାନ କରିଥିଲେ । କୃତିଛାତ୍ରଛାତ୍ରୀଙ୍କୁ ପରସ୍କୃତ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର ଶୀତଳାଶ୍ରୀ ଉନ୍ମୋଚିତ ହେଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବାରିପଦାରେ କୁଡୁମି ମହାସମାବେଶ : ଓଡିଶା ସରକାର କୁଡୁମିଙ୍କୁ ଏସ.ଟି. ତାଲିକାରେ ସାମିଲ ପାଇଁ କେନ୍ଦ୍ରକୁ ସୁପାରିଶ କରିବା ଦାବି



ବାରିପଦା, ୨୭/୦୨ (ନି.ପ୍ର): ସ୍ଥାନୀୟ ଛଉ ପଡିଆ ଠାରେ କୁଡୁମି-ମହାନ୍ତ ମହାସଭା ପକ୍ଷରୁ କୁଡୁମି ଅଧିକାର ଓ ସାଂସ୍କୃତିକ ମହା ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ମଧୁବନ ଷ୍ଟାଡିୟମ ପଡିଆରୁ ନୃତ୍ୟବାଦ୍ୟର ତାଳେତାଳେ ଏକ ଶୋଭାଯାତ୍ରାରେ ହଜାରହଜାର ସଂଖ୍ୟାରେ କୁଡୁମୀ ମାନେ ସହର ପରିକ୍ରମା କରି ଛଉପଡିଆରେ ପହଂଚିବା ପରେ ମହାସମାବେଶର କାର୍ଯ୍ୟକ୍ରମ ସଂଯୋଜକ ଛୋଟେଲାଲ ମହାନ୍ତଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନକ୍ରମେ ଏବଂ ରାଜ୍ ?ଯସଭାପତି ଅଧାପକ ଗୋପବନ୍ଧୁ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମବଙ୍ଗର ମନ୍ତ୍ରୀ ଶ୍ରୀକାନ୍ତ ମହାନ୍ତ, ମୁଖ୍ୟ ବକ୍ତା ଜାମସେଦପୁରର ପୂର୍ବତନ ସାଂସଦ ଶୈଳେନ୍ଦ୍ର ମାହାତ, ବିଶିଷ୍ଟ ଅତିଥି ଭାବରେ କେନ୍ଦ୍ରୀୟ ଆଦିବାସୀ କୁଡୁମୀ ସାମାଜର ଅଜିତ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମ୍ମାନିତ ବକ୍ତା ଭାବରେ ହରମନ ମହାନ୍ତ, କୁଡୁମୀ ମହାନ୍ତ ମହାସଭାର ସାଧାରଣ ସମ୍ପାଦକ ବସନ୍ତ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ସରକାର କୁଡୁମୀ ଜାତିକୁ ଏସଟି ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ରକୁ ଦୀର୍ଘବର୍ଷ ଆଗରୁ ସୁପାରିଶ କରିଥିଲେ ମଧ ଓଡିଶା ସରକାର ସୁପାରିଶ କରିବାକୁ ପଛଘୁଂଚା ଦେଉଥିବାରୁ ତୁରନ୍ତ ଓଡିଶା ସରକାର କେନ୍ଦ୍ରକୁ ସୁପାରୀଶ କରିବା ଏବଂ କେନ୍ଦ୍ର ସରକାର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ତଥା ଓଡିଶାର କୁଡୁମି ମାନଙ୍କୁ ଏସ.ଟି. ତାଲିକା ଭୁକ୍ତ କରିବା ପାଇଁ ନିୟମ ପାରିତ କରିବାକୁ ଦାବୀ ଉପସ୍ଥାପନ କରିବା ସହ ଯେଉଁ ରାଜନୈତିକ ଦଳ କୁଡୁମିକୁ ନିର୍ବାଚନ ଲଢିବା ପାଇଁ ଟିକେଟ ଦେବ ନାହିଁ ତାକୁ ଆଗାମୀ ନିର୍ବାଚନରେ ବୟକଟ କରାଯିବ ବୋଲି କୁହାଯାଇଛି । ଏଥି ସହିତ କୁଡ଼ମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯିବା, ଝୁମର ଏକାଡେମୀ ସ୍ଥାପନ କରାଯିବା ଆଦି ଦାବୀ ଉପସ୍ଥାପନ କରାଯାଇଛି । ଅନ୍ୟ ବକ୍ତା ମାନଙ୍କ ମଧ୍ୟରେ ଓଡିଶା କୁଡୁମୀସେନା ସଭାପତି ଦିବ୍ୟ ସିଂ ମହାନ୍ତ, ଆଦିବାସୀ କୁଡୁମୀ ସାମାଜ ରାଜ୍ୟ ସଭାପତି ମନୋଜ କୁମାର ମହାନ୍ତ, ପଶ୍ଚିମବଙ୍ଗର ବାଦଲ ମହାନ୍ତ, ମୋରଡ଼ା ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, କ୍ଷୀରୋଦ ମହାନ୍ତ, ସାମାଜସେବୀ ଶିଶିର ମହାନ୍ତ, ଯୁବ ସାମାଜସେବୀ ରଂଜନ କୁମାର ମହାନ୍ତ, ଆଦିବାସୀ କୁଡୁମୀ ସାମାଜର ମୋରଡ଼ା ବ୍ଲକ ସଭାପତି ବୁଲୁ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ, ଜିଲ୍ଲା ସଭାପତି ପଦ୍ମଲୋଚନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ମଙ୍ଗଳବାର, ଫେବୃଆରୀ ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ବୈଠକ

ବାଲେଶ୍ୱର, ୨୭/୦୨ (ନି.ପ୍ର): କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ଦ୍ୱାଦଶ ବୈଠକ ବର୍ଷିୟାନ୍ ସଦସ୍ୟ ଲୋକନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ତାରିଣୀ ନର୍ସିଂହୋମ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ ଡ. କେଶବ ଚରଣ ପଣ୍ଡା ଗତ ବୈଠକରେ ବିବରଣୀ ଉପସ୍ଥାପିତ କରି ଚଳିତ ମାସରେ ଓୟୁଏଟି ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ସମିତିର ପ୍ରତିନିଧ ଦଳ ସହିତ ହୋଇଥିବା ଆଲୋଚନା ବିବରଣୀ ଉପସ୍ଥାପିତ କରିଥିଲେ। ବାଲେଶ୍ୱରର କୃଷି ଓ କୃଷକ ସ୍ୱାର୍ଥରେ ଏକ ମହାବିଦ୍ୟାଳୟ ଓ ଗବେଷଣାକ୍ଷେତ୍ର ପ୍ରତିଷ୍ଠା ପ୍ରସ୍ତାବକୁ ସେମାନେ ସହମତି ପ୍ରକାଶ କରିଥିବା ସମ୍ପର୍କରେ ଡ. ପଣ୍ଡା ବୈଠକରେ ଏହି ବୈଠକରେ ଜଣାଇଥିଲେ। ନୀଳଗିରିର ବିଧାୟକ ଗତ ବିଧାନସଭା ଅଧିବେଶନରେ ଏଥିପାଇଁ ଆଗତ କରିଥିବା ପ୍ରଶ୍ନ ଓ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଏନେଇ ପୁଣିଥରେ ନୀଳଗିରି ବିଧାୟକଙ୍କୁ ସାକ୍ଷାତ କରିଥିବା ସେ କହିଥିଲେ। ଚଳିତ ମାସରେ ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ସଦସ୍ୟମାନଙ୍କର ଏକ ମିଳିତ ବୈଠକରେ ଏହି ଦାବିକୁ ଅଧିକ ବ୍ୟାପକ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବିହନ ଉତ୍ପାଦକ ସଂଘର ଏକ ବୈଠକରେ ସରକାରଙ୍କୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ଦାବିପତ୍ର ଦେବାକ ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହରେ କ୍ରିୟାନୁଷ୍ଠାନ ସମିତିର ଜିଲ୍ଲାସ୍ତରୀୟ ଏକ ସମ୍ମିଳନୀ ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଭୂପତି କୁମାର ପାତ୍ର, ପ୍ରବୋଧ କୁମାର ପାତ୍ର, ହରିହର ପଣ୍ଡା, ରମେଶ ଚନ୍ଦ୍ର ଜେନା, ନିରଞ୍ଜନ ପରିଡ଼ା, ରବିନାରାୟଣ ଭୋଳ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ହରିନାରାୟଣ ମଲ୍ଲୁଆଳ, ଭାସ୍କର ଚନ୍ଦ୍ର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. କ୍ଷିତୀଶ ଚନ୍ଦ୍ର ଦାଶ, ପ୍ରୀତିରେଖା ମହାଳିକ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୀତାରାମ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଇପିଏଫ ପେନସନର୍ସ ଆସୋସିଏସନର ବିକ୍ଷୋଭ

ବାଲେଶ୍ୱର, ୨୭/୦୨ (ନି.ପ୍ର): 'ନିଖିଳ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ'ର ଆହ୍ୱାନ କ୍ରମେ ବିଭିନ୍ନ ଦାବି ନେଇ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ଇପିଏଫ ପେନସନଭୋଗୀଙ୍କ ପକ୍ଷରୁ ସହକାରୀ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ବାଲେଶ୍ୱର ଇପିଏଫ୍ ପେନସନର୍ସ ଆସୋସିଏସନ ସଭାପତି ଇଂ. ଅନାଦି ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ସଂପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଇପିଏଫ୍ ପେନସନ୍‌ଭୋଗୀଙ୍କ ବିଭିନ୍ନ ସମସ୍ୟା ତଥା ଚାରିଦଫା ଦାବିର ଯଥାର୍ଥତା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦେଶର ୭୬ ଲକ୍ଷ ବରିଷ୍ଠ ନାଗରିକଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାର ତଥା ଅବହେଳାକୁ ସେମାନେ କଡ଼ା ସମାଲୋଚନା କରିଥିଲେ। ମାସିକ ପେନସନ୍ ୯ ହଜାର ଟଙ୍କାକୁ ବୃଦ୍ଧି, ସୁପ୍ରିମ୍ କୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ବେତନ ପାଉଥିବା କର୍ମଚାରୀଙ୍କୁ ଅଧିକ ପେନସନ ପ୍ରଦାନ, ପେନସନ ସହ ମହଙ୍ଗା ଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନା ଦାବିକରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନକୁ ସମର୍ଥନ କରି ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନର ସଦସ୍ୟ ତଥା କର୍ମକର୍ତ୍ତାମାନେ ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାର ସମଗ୍ର ଦେଶର ଇପିଏଫ୍ ପେନ୍‌ସନ୍‌ଭୋଗୀ ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଥିଲେ। ଆଇଏନଟିୟୁସିର ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ସିଆଇଟିୟୁର ଜିଲ୍ଲା ଆବାହକ ରାଜକିଶୋର ଲେଙ୍କା, ଏଆଇଟିୟୁସି ଜିଲ୍ଲା କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ,ଏଚଏମଏସ ଜିଲା ସଭାପତି ଅରୁଣ କୁମାର ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ସୀତାରାମ ପ୍ରଧାନ, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ବୀମା କର୍ମଚାରୀ ସଂଘ ନେତା ଶ୍ୟାମସୁନ୍ଦର ଜେନା, ବିଦ୍ୟୁତ୍ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ଇପିଏଫ୍ ଭଦ୍ରକ ଆସୋସିଏସନ୍‌ର ସଭାପତି କୁଞ୍ଜବିହାରୀ ନାୟକ, ମୟୂରଭଞ୍ଜ ଜିଲ୍ଲା ଉପ-ସଭାପତି ମଧୁସୂଦନ ଜେନା, ବାଲିଆପାଳ ବ୍ଲକ୍ ସଭାପତି ସନ୍ନ୍ୟାସୀ ବେହେରା, କଟକର ଇଂ. ବିଜୟ ନାୟକ ପ୍ରମୁଖ ଏହି ବିକ୍ଷୋଭ ସମାବେଶରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

# ଆଦର୍ଶ ମାଆ ହିଁ ଆଦର୍ଶ ମଣିଷ ସୃଷ୍ଟି କରିପାରେ



ଧରମପୁର, ୨୭/୦୨ (ନି.ପ୍ର): ସ୍ଥାନୀୟ ଶାଣ୍ଡିଲ୍ୟ ବିବେକ ଶିକ୍ଷା କେନ୍ଦ୍ର ରେ ମାତୃ ସମିଳନୀ ଓ ସମର୍ପଣ ଦିବସ ମହାସମାରୋହ ରେ ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଅ ଯିବାର ଆବଶ୍ୟକତା ରହିଅଛି । ଉନ୍ନତ ଓ ଆଦର୍ଶ ଶିଶୁ ଗଠନ ରେ ମାଆ ମାନଙ୍କର ଭୂମିକା ବହୁ ଗୁରୁତ୍ୱ ପୂର୍ଣ୍ଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୌତ୍ର ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ର ବହୁ ମୂଲ୍ୟ ବକ୍ତବ୍ୟ ରଖିଥଲେ। ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଶିଶୁ ଗଠନରେ ମାଆ ମାନଙ୍କର ଭୂମିକା ବହୁ ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ , ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ, ଶିକ୍ଷାବିତ ଶରତ ଚନ୍ଦ୍ର ବାଗ, ହେମନ୍ତ ଘୋଷ, ନିତ୍ୟାନନ୍ଦ ରାଉତ, ବିଜୟ କୁମାର ପରିଡା, ଲିଜାରାଣୀ ଦାଶ ଯୋଗ ଦେଇ ନିଜ ନିଜ ର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ସଭାପତି ବେଣୁଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପ ପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାରଣା ଧନ୍ୟବାଦଅର୍ପଣ କରିଥିଲେ । ଏହି ଅବସରରେ ପିଲାମାନଙ୍କ ଦ୍ୱାରା ସାମୁହିକ ମାତୃ ପୂଜନ କାର୍ଯ୍ୟକ୍ରମ ହୋଇଥିଲା ପିଲାମାନଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ, ଶିଶୁ ଗୀତ ଉପରେ ସୁନ୍ଦର କାର୍ଯ୍ୟକ୍ରମ ମାନ ପାରିବେଷିତ ହୋଇଥିଲା । ଏହି ସହିତ କୁ ସଦସ୍ୟ ଗୁଣାକର ମହାନ୍ତି ,ଚମ୍ପାବତୀ ଦାସ, ସରସ୍ୱତୀ ଦତ୍ତ, ମୋନାଲିସା ମହାପାତ୍ର, ସୁସ୍ମିତା ବେହେରା, ସୁଜାତା ବାରିକ ପ୍ରୀତିପୁଷ୍ପା ସାହୁ,ରୀନାରାଣୀ ମହାପାତ୍ର, ମାଳତୀ ମହାନ୍ତି, ସଦସ୍ୟ ରମେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।


NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ସହରାଞ୍ଚଳ ବସ୍ତି ବିକାଶ କ୍ଷେତ୍ରରେ ଏକ ପ୍ରୟାସ

ମହିଳା ଆରୋଗ୍ୟ ସମିତି

ବସ୍ତିର ୫୦-୧୦୦ ଘର କିମ୍ବା ୫୦୦ ଜନସଂଖ୍ୟାକୁ ନେଇ ଏକ 'ମହିଳା ଆରୋଗ୍ୟ ସମିତି' ଗଠନ।

ମହିଳା ଆରୋଗ୍ୟ ସମିତିର ଭୂମିକା



୧. ୱାର୍ଡ ବା ବସ୍ତିର ବିଭିନ୍ନ ସମସ୍ୟା ଚିହ୍ନଟ କରିବା
୨. ଚିହ୍ନଟ ସମସ୍ୟାର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବା
୩. ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ପରିବାର କଲ୍ୟାଣ ସେବା, କିଶୋରୀମାନଙ୍କର ସ୍ୱାସ୍ଥ୍ୟସେବା, ପୁଷ୍ଟି, ପରିମଳ ଓ ସ୍ୱଚ୍ଛତା ବିଷୟରେ ଲୋକମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା
୪. ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ଠାରୁ ଦୂରେଇ ରଖିବା ନିମନ୍ତେ ସଚେତନତା ସୃଷ୍ଟି କରିବା
୫. ସୁସ୍ଥ ୱାର୍ଡ, ସୁସ୍ଥ ସହର, ସୁସ୍ଥ ଓଡ଼ିଶା ଗଢ଼ିବାରେ ମିଳିତ ଉଦ୍ୟମ କରିବା ।

ସମିତିର ସଦସ୍ୟା (୧୧-୧୫ ଜଣ)

- ଆଶା କର୍ମୀ
- ଅଙ୍ଗନୱାଡି କର୍ମୀ
- ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା
- ସଂପୃକ୍ତ ବସ୍ତିରେ ରହୁଥିବା ଆଗ୍ରହୀ ମହିଳା



OIPR : 10003/13/0155/2223

ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଓ ସଚେତନତା ପାଇଁ ପ୍ରତ୍ୟେକ ସମିତିକୁ ବାର୍ଷିକ ୫୦୦୦ ଟଙ୍କାର ପାଣ୍ଠି ବ୍ୟବସ୍ଥା।

ଅଧିକ ଜାଣିବା ପାଇଁ ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର / ଏ.ଏନ୍.ଏମ୍ ବା ଆଶାଙ୍କ ସହ ଯୋଗାଯୋଗ କରନ୍ତୁ।

ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha


## ଚଳନ୍ତା ଜନ ଶତାବ୍ଦୀ ଟ୍ରେନରୁ ଖସି ଜଣଙ୍କର ମୃତ୍ୟୁ

ବସ୍ତା, ୨୭/୦୨ (ନି.ପ୍ର): ସୋମବାର ହାବଡରୁ ଭୁବନେଶ୍ୱର ଯାଉଥିବା ଜନ ଶତାବ୍ଦୀ ଏକ୍ସପ୍ରେସ ଟ୍ରେନରୁ ଅମର୍ଦ୍ଦା ରୋଡ୍ ଓ ରାଜଘାଟ ମଧ୍ୟରେ ଖସି ପଡି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ଏହି ଟ୍ରେନରେ ଭଦ୍ରକ ଜିଲା ଧୂସୁରୀ ଅଂଚଳର ଘନଶ୍ୟାମ ରାଉତଙ୍କ ପୁଅ ସନାତନ (୫୭ବର୍ଷ) ଆସୁଥିଲେ। ଟ୍ରେନରୁ ଖସି ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଡାକ୍ତର ଖାନା ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ରେଳବାଇ ପୁଲିସ ୧୬/୨୦୨୩ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହିତ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିଛନ୍ତି।

## ଲକ୍ଷାଧିକ ଟଙ୍କାର ସୁନା ଗହଣା ଜବତ : ୩ ଗିରଫ

ବାଲେଶ୍ୱର, ୨୭/୦୨ (ନି.ପ୍ର): ସହରର ହରିପୁର ଅଞ୍ଚଳର ଲୋକଙ୍କ ଘରୁ ଦୀର୍ଘଦିନ ଧରି ଲଗାତର ହେଉଥିବା ଚୋରି ଘଟଣାରେ ସହଦେବଖୁଣ୍ଟା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ଗିରଫ ବ୍ୟକ୍ତିଙ୍କ ସମ୍ପର୍କରେ ଏସପି ସମ୍ପୂର୍ଣ୍ଣ ପରିଚୟ ଦେଇ ନଥିଲେ ବି ରେମୁଣା ଥାନା ଅନ୍ତର୍ଗତ କୁରୁଣିଆପାଟଣା ଅଞ୍ଚଳର ୧୯ବର୍ଷର ଜଣେ ଯୁବକଙ୍କ ସହ ସିଂଲା ଥାନା ଅନ୍ତର୍ଗତ ୨୯ ଓ ୪୨ବର୍ଷର ଦୁଇଜଣ ମହିଳା ବୋଲି ସେ କହିଛନ୍ତି। ସେମାନଙ୍କ ନିକଟରୁ ପ୍ରାୟ ୭ଲକ୍ଷ ଟଙ୍କା ମୂଲ୍ୟର ୧୦୬.୩୯ ଗ୍ରାମ ଓଜନର ସୁନା ଗହଣା, ଗୋଟିଏ ୟାମାହା ର-୧୫ ବାଇକ ସହିତ ନଗଦ ୨୦ହଜାର ଟଙ୍କା ଜବତ କରାଯାଇଛି। ହରିପୁର ଅଞ୍ଚଳର ଶରତ କୁମାର ନାୟକଙ୍କ ଘରୁ ଓ ତାଙ୍କ ବନ୍ଧୁବାନ୍ଧବଙ୍କ ଘରୁ ନିୟମିତ ଚୋରୀ ହେଉଥିବା ନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା । ଏଏଷନଇ ଏକ ମାମଲା ରୁଜୁ ସହ ପୁଲିସ ତଦନ୍ତ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଯୁବକ ଜଣକ ଶରତଙ୍କ ନାବାଳିକା ଝିଅ ମାଧ୍ୟମରେ ଏହି ଚୋରି ଚଳାଇଥିବା ଜଣାପଡିଥିଲା। ପ୍ରଥମେ ନାବାଳିକା ସହ ବନ୍ଧୁତା କରି ପରବର୍ତ୍ତୀ ସମୟରେ ତାକୁ ଡରାଇ ଧମକାଇ ଏହି ଚୋରି କରୁଥିଲା । ଚୋରୀ ଗହଣାକୁ ନେଇ ସେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତକୁ ଦେଉଥିଲା । ସମ୍ପୃକ୍ତ ଗହଣାକୁ ଗିରଫ ହୋଇଥିବା ନିଜ ସ୍ତ୍ରୀ ଓ ଭଉଣୀ ପାଖରେ ରଖୁଥିଲେ । ସେଥିରୁ ଆବଶ୍ୟକ ମୁତାବକ ସୁନା ବନ୍ଧକ ଦେଇ ବାଲେଶ୍ୱରର ଆଇଆଇଏଫଏଲ ଫାଇନାନ୍ସରୁ ଗୋଲ୍ଡଲୋନ ଓ ଫେଡ଼େରାଲ ବ୍ୟାଙ୍କ ନିଧିପଣ୍ଡା ଶାଖାରୁ ଋଣ ନେଇଥିବା ଏସପି କହିଛନ୍ତି । ଏପରିକି ସୁନା ଋଣରୁ ଫେରାର ଅଭିଯୁକ୍ତ ଏକ ୟାମାହା ଆର-୧୫ ବାଇକ କିଣିଥିବା ଜଣାପଡ଼ିଛି। ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସପି ଶ୍ରୀମତୀ ନାଥ କହିଛନ୍ତି।

# ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ : ରୂପସା ଷ୍ଟେସନ ପରିଦର୍ଶନ କଲେ ସାଂସଦ




ରୂପସା, ୨୭/୦୨ (ନି.ପ୍ର): ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ଖଡ଼ଗପୁର ଡିଭିଜନର ଡିଆରଏମ ଏମଏସ ହାସମୀଙ୍କ ସହ ରୂପସା ରେଳ ଷ୍ଟେସନ ପରିଦର୍ଶନ କରିଛନ୍ତି । ରୂପସା ରେଳ ଷ୍ଟେସନର ୩ ନଂ ପ୍ଲାଟଫର୍ମରେ ଦିବା ୧ ଟା ସମୟରେ ସେ ପହଂଚିଥିଲେ । ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦାପ୍ରସନ୍ନ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ ଓ ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ପ୍ରଧାନଙ୍କ ସମେତ ସ୍ଥାନୀୟଲୋକେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦେଶ୍ୟରେ ସାଂସଦଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଷ୍ଟେସନରେ ପୂର୍ବଭଳି ଡାଉନ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି, ବାରିପଦାରୁ ବାଲେଶ୍ୱର ଯାଉଥିବା ଲୋକାଲ ଡ଼ିଏମୟୁ ଟ୍ରେନ ପୂର୍ବଭଳି ଦୁଇ ଥର ଚଳାଚଳ ହେବା, କୋଭିଡ ପୂର୍ବ ସମୟ ସାରଣୀ ମୁତାବକ ଖଡ଼ଗପୁରରୁ ଭଦ୍ରକ ଡ଼ିଏମୟୁ ଲୋକାଲ ଟ୍ରେନ ଚାଲିବା ଏବଂ ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ ଭଡା ଲାଗୁ ନ କରିବା ପାଇଁ ସାଂସଦ ଓ ଡିଆରଏମଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା । ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସମସ୍ତ ଷ୍ଟେସନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ସାଂସଦ ତଦାରଖ କରିଥିଲେ । ଏହି ପରିଦର୍ଶନ ସମୟରେ ସାଂସଦଙ୍କ ସହ ଡିଆରଏମ, ସିନିଅର ଡିସିଏମ, ସିନିଅର ଡିଓଏମ, ଷ୍ଟେସନ ମ୍ୟାନେଜର ଓ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଆୟୁଷ ବିକାଶ ମଞ୍ଚର ପରିବର୍ଦ୍ଧିତ ବୈଠକ

ବାଲେଶ୍ୱର, ୨୭/୦୨ (ନି.ପ୍ର): ସ୍ଥାନୀୟ ନୂଆବଜାର ସ୍ଥିତ ଆୟୁଷ ବିକାଶ ମଞ୍ଚର କାର୍ଯ୍ୟାଳୟରେ ତଥା ଡା. ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୁଷ ବିକାଶ ମଞ୍ଚର ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବାଲେଶ୍ୱର ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ମମତା ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଏହି ବୈଠକରେ ସ୍ୱାଗତ କରାଯାଇଥିଲା। ମଞ୍ଚର ସଂପାଦକ ହିମାଂଶୁ ଶେଖର ଦାସ ଆୟୁଷ ଚିକିତ୍ସାଳୟ ସ୍ଥାପନାର ଅଗ୍ରଗତି ତଥା ବୈଷୟିକ ତ୍ରୁଟି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାର ଚିକିତ୍ସାକ୍ଷେତ୍ରରେ ବିଭିନ୍ନ ଅବହେଳା ଓ ଡାକ୍ତରଙ୍କ ଅଭାବ ପଦବୀ ପୂରଣ, ମଞ୍ଜୁରୀପ୍ରାପ୍ତ ଆୟୁଷ ଚିକିତ୍ସାଳୟର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ଓ ଏକ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଖୋଲିବା ପାଇଁ ସରକାରଙ୍କଠାରେ ଦାବିରେ ବାଲେଶ୍ୱର ଜିଲ୍ଲା ମେଡିକାଲ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ନିରବ ପ୍ରତିବାଦକୁ ନେଇ ଆୟୁଷ ବିକାଶ ମଞ୍ଚ ତରଫରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ମଞ୍ଚର କାର୍ଯ୍ୟକାରୀ ସଭାପତି ଡା. ଲକ୍ଷ୍ମୀକାନ୍ତ ହୋତା ଓ ଉପଦେଷ୍ଟା ଡା. ପ୍ରଭାକର ରଥଙ୍କ ପ୍ରସ୍ତାବ କ୍ରମେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ଦେବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବାଲେଶ୍ୱରରେ ଏକ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ, ରେମୁଣାରେ ଆୟୁଷ ଚିକିତ୍ସାଳୟ ସ୍ଥାପନ ତଥା ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଆୟୁର୍ବେଦିକର ଏକ ବହିର୍ଚିକିତ୍ସା ବିଭାଗ ଖୋଲିବା ପାଇଁ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସନୱାଲଜୀଙ୍କୁ ଅନୁରୋଧ ରଖିଥିବାରୁ ସାଂସଦଙ୍କୁ ଏହି ଅବସରରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଡା. ପ୍ରମୋଦ ରାଉତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଉଳ ପାଇବା ପାଇଁ ହଟହଟା ହେଉଛନ୍ତି ବିଧବା ମହିଳା 'ସମା'



ଉଦଳା, ୨୭/୦୨ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧରପୁର ଗ୍ରା:ପ: ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ବାସିନ୍ଦା ସମା ହେମ୍ବ୍ରମଙ୍କୁ ଚଳିତ ବର୍ଷ ୬୦ ବର୍ଷ ବୟସ ଛୁଇଁଲା । ସେ ଉଦଳା ବ୍ଲକର ବଡ଼ଖମଣ ପଞ୍ଚାୟତ ଅନ୍ତର୍ଗତ କୁଟଲିଂ ଗ୍ରାମର ବାସିନ୍ଦା ଜଡ଼ା ହେମ୍ବ୍ରମଙ୍କୁ ବିବାହ କରିଥିଲେ । ଆଜକୁ ୧୨ ବର୍ଷ ତଳେ ତାଙ୍କର ସ୍ୱାମୀ ଜଡ଼ା ହେମ୍ବ୍ରମ ସବୁଦିନ ପାଇଁ ଆଖି ବୁଜି ଦେଲେ। ତାଙ୍କର କେହି ପିଲା ପିଲି ନଥିବାରୁ ସେ ଏକାକୀ ଦିନ ବିତାଇବାକୁ ବାଧ୍ୟ ହେଲେ । ବଡ଼ଖମଣ ଗ୍ରା:ପ: କାର୍ଯ୍ୟାଳୟରୁ ତାଙ୍କୁ ମାସିକ ୫୦୦ ଟଙ୍କା ଭତ୍ତା ମିଳୁଛି । ବର୍ତ୍ତମାନ ତାଙ୍କର ଦେହ ଅସୁସ୍ଥ ହେବାରୁ ସେ ତାଙ୍କର ବାପ ଘର ସଦାନନ୍ଦପୁରରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି । ସରକାର ଯୋଗାଇଦେଉଥିବା ମୁଣ୍ଡପିଛା ୫ କି:ଗ୍ରା: ଚାଉଳ ପାଇବାରୁ ସେ ବଞ୍ଚିତ ଅଛନ୍ତି । ତାଙ୍କୁ ଉଭୟ ବଡ଼ଖମଣ ପଞ୍ଚାୟତ ଓ ଚକ୍ରଧରପୁର ପଞ୍ଚାୟତ କେହି ଚାଉଳ ଦେବେ ନାହିଁ ବୋଲି ମନା କରିଦେଇଛନ୍ତି । ପଚାରି ବୁଝିବାରୁ ବଡ଼ଖମଣ ପଞ୍ଚାୟତ ତୁମକୁ ଚକ୍ରଧରପୁରରେ ଚାଉଳ ମିଳିବ ବୋଲି କହି ପଠାଇଦେଉଥିବା ବେଳେ ଚକ୍ରଧରପୁର ପଞ୍ଚାୟତ ତୁମକୁ ବଡ଼ଖମଣରେ ଚାଉଳ ମିଳିବ ବୋଲି କହି ପଠାଇଦେଉଛନ୍ତି । ବିଜୁ ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ପାଖରେ ନଥିବାରୁ ସେ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି । ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ବିଧବା ମହିଳା "ସମା"ଙ୍କ ନିକଟରେ କିପରି ଭତ୍ତା, ଚାଉଳ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ପହଞ୍ଚି ପାରିବ ସେଥିପାଇଁ ଉଦ୍ୟମ କରନ୍ତୁ ବୋଲି ଜନଜାଗୃତି ମଞ୍ଚର ସାମାଜିକ କର୍ମୀ ରାମାୟ ମୁର୍ମୁ ଓ ମୋନାଲି ମୁର୍ମୁ ଅନୁରୋଧ ଜଣାଇଛନ୍ତି ।

# ଆମର ମନୋବଳକୁ ଶାଣିତ କରିଛି ସ୍ୱେଚ୍ଛାସେବୀ ତାଲିମ୍ : ଶିବିରାର୍ଥୀ




ଉଦଳା, ୨୭/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ "ଜନଜାଗୃତି ମଞ୍ଚ" ତରଫରୁ ୪୦ ବର୍ଷ ବୟସରୁ କମ୍ ନବାଗତ ଯୁବକ ଯୁବତୀ ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କପ୍ତିପଦା ବ୍ଲକ୍ ଚକ୍ରଧରପୁର ଗ୍ରା:ପ: କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ଚଳିତ ଫେବୃଆରୀ ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ସ୍ୱେଚ୍ଛାସେବୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲିମ୍ ମଧ୍ୟରେ ନିଜର ଅଧିକାର ଓ କର୍ତ୍ତବ୍ୟ, ଗୁଣାତ୍ମକ ଶିକ୍ଷା, ମନୋରେଗା, ବିଜୁ ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ଗଣମାଧ୍ୟମର ଆବଶ୍ୟକତା, ସୂଚନା ଅଧିକାର ଆଇନ, ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଛି । ପ୍ରଶିକ୍ଷକ ଭାବରେ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଭୁବନେଶ୍ୱରର ସାମାଜିକ କର୍ମୀ ପଞ୍ଚାନନ ପ୍ରଧାନ, ପ୍ରସନ୍ନ ପ୍ରଧାନ, ଅଭିଷେକ ଦାସ, ଜନଜାଗୃତି ମଞ୍ଚର ଟିମ୍ ଲିଡ଼ର ଗଦାଧର ଦାସ ଓ ସଦସ୍ୟ ସୁବ୍ରତ କୁମାର ମହାନ୍ତି, ଉଦଳା ବ୍ଲକର ଆଇପିଓ ମନୋରଂଜନ ପାତ୍ର ପ୍ରମୁଖ ତାଲିମ ପ୍ରଦାନ କରିଛନ୍ତି। ଶିବିରରେ ୫୦ ରୁ ଉର୍ଦ୍ଧ୍ୱ ଭାଇ ଭଉଣୀ ତାଲିମ୍ ନେଇଛନ୍ତି । ଶିବିରକୁ ସଫଳ କରିବାରେ କପାଳ ମାର୍ଣ୍ଡି, ରାମାୟ ମୁର୍ମୁ, ହରପ୍ରିୟା ଦାସ, ମୋନାଲି ମୁର୍ମୁ, ଅବନ୍ତୀ ବେହେରା ପ୍ରମୁଖ ସହଯୋଗ କରିଛନ୍ତି । ଏହି ତାଲିମ ନିଜର ଅଧିକାରକୁ ହାସଲ କରିବା ପାଇଁ ଆମ ଭିତରେ ବହୁ ସାହସ ଭରି ଦେବା ସହିତ ଆମ ମନବଳକୁ ଶାଣିତ କରିଛି ବୋଲି ଶିବିରାର୍ଥୀ ମାନେ କହିଛନ୍ତି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo